

"ମା' ଜଗତଜନନୀ ଦୁର୍ଗାଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖ, ସମୃଦ୍ଧି ଓ ପ୍ରଗତିରେ ଭରିଯାଉ। ମା'ଙ୍କ ଆଗମନ ଆମ ରାଜ୍ୟରେ ଶାନ୍ତି, ଅମାୟିକ ଭାଇଚାରା ଓ ପ୍ରେମର ବାର୍ତ୍ତା ବହନ କରିଆଣୁ।"

ସମଗ୍ର ଓଡ଼ିଶାବାସୀ, ମୋର ଶୁଭେଚ୍ଛା, ସହକର୍ମୀ ଓ 'ସାପ୍ତାହିକୀ ଜନବାର୍ତ୍ତାର' ଅଗଣିତ ପାଠକଙ୍କୁ ପବିତ୍ର ଦୁର୍ଗୋତ୍ସବ ଅବସରରେ ଅନ୍ତରରୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।

- ବିଜୟ କୁମାର ପଟ୍ଟନାୟକ

(ଅବସରପ୍ରାପ୍ତ ଆଇଏଏସ୍ ଏବଂ ପୂର୍ବତନ ମୁଖ୍ୟ ଶାସନ ସଚିବ, ଓଡ଼ିଶା)

ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

LIVE THE JANABARTTA ଜନବାର୍ତ୍ତା
• ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •

Follow Us : Our Digital News Channel
: Janabartta Live
www.janabartta.com
epaper.janabartta.com

18 OCTOBER to 24 OCTOBER 2026
୧୮ ଅକ୍ଟୋବର ଠାରୁ ୨୪ ଅକ୍ଟୋବର, ୨୦୨୬

VOL- 1 • ISSUE- 35 ବର୍ଷ-୧ • ସଂଖ୍ୟା- ୩୫ | PRGI NO- ORORI/26/A0341. • WEEKLY EDITION | ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ବର୍ତ୍ତମାନ ସମଗ୍ର ଭାରତ ବର୍ଷରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନେଇ ଏକ ବିରାଟ ଝଡ଼ ସୃଷ୍ଟି ହୋଇଛି । ତାଙ୍କର ଇସ୍ତଫା ଦାବୀ କରି ସିଜେପି ଅକ୍ଟୋବର ୧୦ ତାରିଖ ଦିନ ଦିଲ୍ଲୀରେ ଏକ ବିରାଟ ସମାବେଶର ଆୟୋଜନ କରିଥିଲେ । ପୂର୍ବ ଥରର ଅପ୍ରୀତିକର ଘଟଣାରୁ ଶିକ୍ଷାଲାଭ କରି ସରକାର ପ୍ରାୟ ସମଗ୍ର ଦିଲ୍ଲୀ ସହରକୁ ପୋଲିସ ଛାଉଣିରେ ପରିଣତ କରି ଦେଲେ। ଦୂରଗାମୀ ଟ୍ରେନ ଓ ମେଟ୍ରୋଗୁଡ଼ିକ ବନ୍ଦ କରି ଦେଲେ ଯେପରିକି କୌଣସି ବ୍ୟକ୍ତି ଦିଲ୍ଲୀରେ ପ୍ରବେଶ କରି ପାରିବେ ନାହିଁ । ବିକ୍ଷୋଭକାରୀମାନଙ୍କୁ ଅଟକ ରଖିଲେ । ନେତାମାନଙ୍କୁ ବିକ୍ଷୋଭ ସ୍ଥଳକୁ ଯିବାକୁ ଅନୁମତି ଦେଲେ ନାହିଁ । ପ୍ରଶାସନିକ ଦୃଷ୍ଟିକୋଣରୁ ସରକାର ସଫଳତାର ସହ ବିକ୍ଷୋଭର ମୁକାବିଲା କଲେ। କିନ୍ତୁ ପ୍ରଶାସନିକ କଠୋରତା କୌଣସି ଜନ ଆନ୍ଦୋଳନକୁ ଦବାଇ ଦେଇ ପାରେ ନାହିଁ । ତାହା ହୋଇଥିଲେ ବ୍ରିଟିଶ ଶାସନ ଆଜି ମଧ୍ୟ ଭାରତରେ ଚାଲୁଥାନ୍ତା । ମହାତ୍ମା ଗାନ୍ଧୀ ଓ ତାଙ୍କର ଅନୁଗାମୀମାନେ ଜେଲରେ ରହି ମୃତ୍ୟୁ ବରଣ କରିଥାନ୍ତେ । ଦକ୍ଷିଣ ଆଫ୍ରିକାରେ ଶ୍ୱେତାଙ୍ଗମାନେ ଚିରକାଳ ଲାଗି ଶାସନ କରୁଥାନ୍ତେ । ଏ ବିଷୟରେ ସୁପ୍ରିମ କୋର୍ଟ ମଧ୍ୟ ତାଙ୍କର ଟିପ୍ପଣୀ ଦେଇ ସାରିଛନ୍ତି ଓ କହିଛନ୍ତି ଯେ,ସରକାରୀ କାର୍ଯ୍ୟାନୁଷ୍ଠାନ ମାତ୍ରାଧିକ ହେବା ଉଚିତ ନୁହେଁ। ଆଗାମୀ ଦିନମାନଙ୍କରେ ଏହା କି ରୂପ ନେବ ତାହା ଆଲୋଚନା କରିବା ଏହି ଆଲେଖ୍ୟର ଲକ୍ଷ୍ୟ ନୁହେଁ ।



ବିଜୟ କୁମାର ପଟ୍ଟନାୟକ
ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

ଆଜିର ପ୍ରସଙ୍ଗ ହେଉଛନ୍ତି ସିଇସି ବା ମୁଖ୍ୟ ନିର୍ବାଚନ କମିଶନର । ସବୁ ବିରୋଧୀ ଦଳ ଦାବୀ କରନ୍ତି ଯେ ସେ ସରକାରଙ୍କର ହାତ ବାରିସୀ ଭାବରେ କାର୍ଯ୍ୟ କରୁଛନ୍ତି । ତାଙ୍କର ପ୍ରମୁଖ ଅସ୍ତ୍ର ହେଉଛି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ । ବିରୋଧୀ ଦଳଙ୍କର ଆରୋପ ହେଲା ସେ ଉକ୍ତ ସଂଶୋଧନ ପ୍ରକ୍ରିୟାକୁ ଜାଣିଶୁଣି ଏଭଳି କଷ୍ଟ ସାଧ୍ୟ କରି ଦେଇଛନ୍ତି ଯେ ଅନେକ ଭୋଟର ସେଥିରୁ ବାଦ୍ ପଡ଼ି ଯାଇଛନ୍ତି । ଏଇ ପ୍ରକ୍ରିୟାରେ ବିଜେପି ଦଳ ପଶ୍ଚିମ ବଙ୍ଗ ଓ ବିହାରରେ ନିର୍ବାଚନ ଜିତିଛନ୍ତି । ଏଥିରେ ଦୁଇଟି ବିଷୟ ଚିନ୍ତାଜନକ । ପ୍ରଥମଟି ହେଲା କମିଶନର ଦୁଇ ଜଣ ସଦସ୍ୟ ୧୪ଥର ଲିଖିତ ଭାବରେ ସେମାନଙ୍କର ଭିନ୍ନମତ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଜଣାଇଛନ୍ତି । ତନ୍ମଧ୍ୟରୁ ସ୍ୱତନ୍ତ୍ର ସଘନ ସଂଶୋଧନ ଗୋଟିଏ କି? ଦ୍ୱିତୀୟ ବିଷୟଟି ହେଲା ପଶ୍ଚିମବଙ୍ଗ ଓ ବିହାରରେ ନିର୍ବାଚନ ସରିବା ପରେ କମିଶନ ଫର୍ମ ୬ରେ ଥିବା ଜଟିଳ ପ୍ରକ୍ରିୟାକୁ ପ୍ରତ୍ୟାହାର କରି ନେଇଛନ୍ତି । ବର୍ତ୍ତମାନ ପ୍ରଶ୍ନ ହେଉଛି ଯଦି ଫର୍ମ ୬ର ଅତିରିକ୍ତ ବିବରଣୀ ଅନାବଶ୍ୟକ ବୋଲି କମିଶନ ଏହାକୁ ପ୍ରତ୍ୟାହାର କଲେ, ତାହା ହେଲେ କ'ଣ ତାହା କେବଳ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ଭୋଟରଙ୍କୁ ତାଲିକାରୁ ବାଦ ଦେଇ ଗତ ନିର୍ବାଚନରେ ବିଜେପିକୁ ଜିତାଇବାର ଉଦ୍ଦେଶ୍ୟ ଥିଲା ?

ନିର୍ବାଚନ ପ୍ରକ୍ରିୟାର ବର୍ଣ୍ଣବୋଧ ହେଉଛି ଭୋଟର ତାଲିକା

ଏହି ଧାରଣାକୁ ବଳବତ୍ତର କରିବାର ଏକ ମୁଖ୍ୟ କାରଣ ହେଲା ବିଜେପି ଦଳର ମୁଖ୍ୟ ନିର୍ବାଚନ କମିଶନରଙ୍କ ପ୍ରତି ଅକୁଣ୍ଠ ସମର୍ଥନ । ଭୋଟର ତାଲିକାରୁ ଯୋଗ୍ୟ ଭୋଟରମାନଙ୍କୁ ଅଯଥା ବାଦ୍ ଦେଲେ ତାହା ସବୁ ଦଳକୁ ସମାନ ଭାବରେ ପ୍ରଭାବିତ କରିବା କଥା । କାରଣ ଅଯୋଗ୍ୟ ବିବେଚିତ ଭୋଟର ଟି କେଉଁ ଦଳର ତାହା କୌଣସି ଦଳ ଜାଣିବା ସମ୍ଭବ ନ ହେବା କଥା । କିନ୍ତୁ ବିଜେପି ଦଳ ତାହାର ଆଚରଣରେ ଏକ ଧାରଣା ସୃଷ୍ଟି କରିଛନ୍ତି ଯେ ସେମାନଙ୍କୁ ବାଦ ଦେବାରେ ସେମାନଙ୍କର କୌଣସି ଆପତ୍ତି ନାହିଁ । ତାହା ହେଲେ କ'ଣ ବିଜେପି ଦଳ ଜାଣେ ଯେ, ସ୍ୱତନ୍ତ୍ର ସଘନ ସଂଶୋଧନ ଉକ୍ତ ଦଳ ପ୍ରତି ସହାୟକ ? ତାହା ନ ହେଲେ ବିଜେପି ଦଳ ଫର୍ମ ୬ ଜନିତ ଅସଙ୍ଗତି ବିରୁଦ୍ଧରେ କାହିଁକି ସ୍ୱର ଉତ୍ତୋଳନ କରି ନାହାନ୍ତି ? କେବଳ ସେତିକି ନୁହେଁ । ଆହୁରି ଏକ ରୋଚକ ଘଟଣା ନଜର କୁ ଆସିଛି ।

ବିଜେପି ଦଳ ତରଫରୁ ଏକ ତଥ୍ୟ ଗଣମାଧ୍ୟମରେ ପ୍ରକାଶିତ ହୋଇଛି ଯେ, କଂଗ୍ରେସ ସମୟରେ ମଧ୍ୟ ନିର୍ବାଚନ କମିଶନରମାନେ ଉକ୍ତ ଦଳର ଆନୁଗତ୍ୟ ସ୍ୱିକାର କରୁଥିଲେ। ଉଦାହରଣ ସ୍ୱରୂପ କୁହାଯାଇଛି ଯେ ସ୍ୱର୍ଗୀୟଟି ଏନ୍ ଶେଷାନ୍ ଯେ କି, ଜଣେ ନିର୍ଭୀକ ନିର୍ବାଚନ କମିଶନର ଥିଲେ ସେ ମଧ୍ୟ ପରବର୍ତ୍ତୀ ସମୟରେ କଂଗ୍ରେସ ଟିକେଟରେ ଅହମଦାବାଦ ନିର୍ବାଚନ ମଣ୍ଡଳୀରୁ ଏଲ୍ କେ ଆଡଭାନୀଙ୍କ ବିରୁଦ୍ଧରେ ନିର୍ବାଚନ ଲଢ଼ିଥିଲେ । ଆହୁରି ମଧ୍ୟ କୁହାଯାଇଛି ଯେ, ଆଉ ଜଣେ ମୁଖ୍ୟ ନିର୍ବାଚନ କମିଶନର, ଏମ୍ ଏସ୍ ଗିଲ ନିଜ ପଦବୀରେ ରହିଥିବା ଅବସ୍ଥାରେ ପଦ୍ମ ବିଭୂଷଣ ଉପାଧି ପାଇଥିଲେ ଓ ପରବର୍ତ୍ତୀ ସମୟରେ କେନ୍ଦ୍ର ରେ ମନ୍ତ୍ରୀ ପଦ ମଧ୍ୟ ପାଇଥିଲେ । ଆଉ ଜଣେ ମୁଖ୍ୟ ନିର୍ବାଚନ କମିଶନର ତାଙ୍କର ସହକର୍ମୀ କମିଶନର ନବୀନ ଚାୱଲାଙ୍କ ବିରୁଦ୍ଧରେ ସରକାରଙ୍କ ନିକଟରେ ଅଭିଯୋଗ କରିଥିବା ସତ୍ତ୍ୱେ ତାଙ୍କୁ ଉକ୍ତ ପଦରୁ ହଟା ଯାଇ ନ ଥିଲା ।

ବିଜେପି ଦଳର ଉଦାହରଣମାଳା ଅନୁଧ୍ୟାନ କଲା ପରେ ଏକ ପ୍ରଶ୍ନ ଉଠେ, ଏହା ଦ୍ୱାରା ବିଜେପି କଅଣ ପ୍ରମାଣ କରିବାକୁ ଚାହେଁ ? ସେମାନଙ୍କ ଯୁକ୍ତି ଅନୁଯାୟୀ ଯେହେତୁ କଂଗ୍ରେସ ଅମଳର ନିର୍ବାଚନ କମିଶନରମାନେ ଉକ୍ତ ଦଳର ଅନୁରକ୍ତ ଥିଲେ । ତେଣୁ ଶ୍ରୀ ଜ୍ଞାନେଶ କୁମାର ବିଜେପି ଦଳର ଅନୁରକ୍ତ ହେବାରେ ଅସଙ୍ଗତି କେଉଁଠି ? ତେଣୁ ଶ୍ରୀ କୁମାରଙ୍କ ଇସ୍ତଫା ଦାବୀ କରିବା ଅଯୌକ୍ତିକ । ଯଦି ବିଜେପି ଓ କଂଗ୍ରେସ ଦଳ ଏଇ ଚିନ୍ତାଧାରାକୁ ଗ୍ରହଣ କରନ୍ତି ତେବେ କହିବା ବାହୁଲ୍ୟ ଯେ ଏହା ଗଣତନ୍ତ୍ର ପ୍ରତି ଘୋର ବିପଦ । ଯଦି ସବୁ ସରକାରୀ ଦଳ ବିଶ୍ୱାସ କରନ୍ତି ଯେ ନିର୍ବାଚନ କମିଶନରମାନେ ତାଙ୍କର "ନିଜ" ଲୋକ ହେବା ଉଚିତ, ତେବେ ଚୁଥିରେ କାମ କରୁଥିବା ପୋଲିଂ ଅଫିସରମାନେ କଅଣ ଆଭିମୁଖ୍ୟ ଗ୍ରହଣ କରିବେ ? ମହାଜନ ଯେଉଁ ପନ୍ଥା ଗ୍ରହଣ କରିବେ ସେମାନେ ମଧ୍ୟ ତାହା କରିବେ । ସେମାନେ ବି ଭାବିବେ ଯେ, କ୍ଷମତାସୀନ ଦଳକୁ ସାହାଯ୍ୟ କରିବା ତାଙ୍କର କର୍ତ୍ତବ୍ୟ । ତାହା ଯଦି ହୁଏ ତେବେ ନିର୍ବାଚନର ଅବସ୍ଥା କ'ଣ ହେବ ତାହା ସହଜରେ ଅନୁମେୟ ।

ସମ୍ବିଧାନ ଅନୁଯାୟୀ ନିର୍ବାଚନ କରାଇବା ଦାୟିତ୍ୱ ହେଉଛି ନିର୍ବାଚନ କମିଶନର । ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରାଇବା ତାଙ୍କର ମୁଖ୍ୟ ଓ ଏକ ମାତ୍ର କର୍ତ୍ତବ୍ୟ। ଏହା କିପରି ହାସଲ କରାଯିବ ? ସମ୍ବିଧାନ ଅନୁଯାୟୀ ଜଣେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ତାଙ୍କ ପଦବୀରୁ ଉଚ୍ଛେଦ କରାଯାଇ ପାରିବ ନାହିଁ। ତାହା କରିବାକୁ ହେଲେ ସାଂସଦରେ ମହାଭିଯୋଗ ଆଣିବାକୁ ହେବ ଯାହାକି ଜଣେ ସୁପ୍ରିମ କୋର୍ଟ ବିଚାରପତିଙ୍କ ଉଚ୍ଛେଦ ପାଇଁ ଆବଶ୍ୟକ । ସେ ତାଙ୍କର ଅବ୍ୟାହତି ପରେ ମଧ୍ୟ ତାଙ୍କର କୌଣସି ନିଷ୍ପତ୍ତି ପାଇଁ ତାଙ୍କୁ ଦଣ୍ଡିତ କରା ଯାଇ ପାରିବ ନାହିଁ। ସେ ଯେତେଦିନ ପର୍ଯ୍ୟନ୍ତ ତାଙ୍କ ଚାକିରିରେ ଥିବେ ସେ ପର୍ଯ୍ୟନ୍ତ ତାଙ୍କର ଦରମା ବା ଅନ୍ୟାନ୍ୟ ସୁବିଧାକୁ କାଢି ନିଆ ଯାଇ ପାରିବ ନାହିଁ । ଏ ସମସ୍ତ ବ୍ୟବସ୍ଥା କରିବାର କାରଣ ହେଲା ନିର୍ବାଚନ କମିଶନ ବିନା ଭୟ ବା ଚାପରେ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରି ପାରିବେ। କିନ୍ତୁ ଯଦି ଜଣେ ବ୍ୟକ୍ତି କଂଗ୍ରେସ ବା ବିଜେପି ଦଳର ବଚସ୍କର ହୋଇଥାଏ ଓ ତାକୁ ଏତେ ସବୁ ବୈଧାନିକ ସାଞ୍ଜୁ ପିନ୍ଧାଇ ଦିଆଯାଏ ତେବେ ଫଳ ଓଲଟା ହେବ । ସେ ସରକାରୀ ଦଳ ପ୍ରତି ଚରମ ପକ୍ଷପାତିତା ଅବଲମ୍ବନ କରିବେ ଓ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ । ସେଥିପାଇଁ ବ୍ୟକ୍ତିଟିକୁ ଚୟନ କରିବା ସମୟରେ ଯଥେଷ୍ଟ ସତର୍କତା ଗ୍ରହଣ କରିବାକୁ ହେବ । ଥରେ ଜଣେ ଭୁଲ ବ୍ୟକ୍ତି ସିଂହାସନରେ ବସିଗଲେ ସମସ୍ତେ ନିରୂପାୟ ।

ନିର୍ବାଚନ କମିଶନର ସଦସ୍ୟ ଚୟନ କରିବା ପାଇଁ କି ବ୍ୟବସ୍ଥା ଅଛି ? ସମ୍ବିଧାନ ଅନୁଯାୟୀ ତାଙ୍କର ଚୟନ ପ୍ରକ୍ରିୟା ପାଇଁ ସଂସଦ ଏକ ଆଇନ ପ୍ରଣୟନ କରିବାକୁ ହେବ। ପ୍ରଚଳିତ ଆଇନ ଅନୁଯାୟୀ ମୁଖ୍ୟ ନିର୍ବାଚନ କମିଶନର ଚୟନ ପାଇଁ ଏକ ତିନି ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ ଯାହାର ସଭାପତିତ୍ୱ କରିବେ ପ୍ରଧାନ ମନ୍ତ୍ରୀ ଓ ଅନ୍ୟ ଦୁଇ ଜଣ ସଦସ୍ୟ ହେବେ ଜଣେ କାବିନେଟ ମନ୍ତ୍ରୀ ଏବଂ ସଂସଦର ବିରୋଧୀ ଦଳ ନେତା । କହିବା ବାହୁଲ୍ୟ ଯେ ଏହି କମିଟିର ନିଷ୍ପତ୍ତି ପ୍ରଧାନ ମନ୍ତ୍ରୀଙ୍କ ମନୋନୀତ ବ୍ୟକ୍ତିଙ୍କ ସପକ୍ଷରେ ହିଁ ଯିବ। କାରଣ ତାଙ୍କର ଭୋଟ ଦୁଇଟି ଓ ବିରୋଧୀ ଦଳର ଗୋଟିଏ । ଏହାର ଅର୍ଥ ହେଲା ମୁଖ୍ୟ ନିର୍ବାଚନ କମିଶନ ଚୟନରେ ସରକାରୀ ଦଳର ପ୍ରଭୁତ୍ୱ ରହିବ ହିଁ ରହିବ ।

ଏହା ବିରୁଦ୍ଧରେ ମାନ୍ୟବର ସୁପ୍ରିମ କୋର୍ଟଙ୍କ ସମକ୍ଷରେ ଏକ ମୋକଦ୍ଦମା ଦାୟର ହୋଇଛି । ସେଥିରେ ଯୁକ୍ତି ଉପସ୍ଥାପନ କରାଯାଇଛି ଯେ,ନିର୍ବାଚନ ଆୟୋଗକୁ ନିରପେକ୍ଷ ରଖିବାକୁ ହେଲେ ତିନି ଜଣିଆ କମିଟିରେ ଜଣେ କାବିନେଟ ମନ୍ତ୍ରୀଙ୍କ ସ୍ଥାନରେ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ମନୋନୀତ ଜଣେ ବିଚାରପତି ରହିବା ଉଚିତ । ସୁପ୍ରିମ କୋର୍ଟରେଏହି ମାମଲା ବର୍ତ୍ତମାନ ବିଚାର ଅପେକ୍ଷାରେ ।

ଉପରେ ବର୍ଣ୍ଣିତ ଆଲେଖ୍ୟରୁ ଏହା ସୁସ୍ପଷ୍ଟ ଯେ, ଆଜି ନିର୍ବାଚନ କମିଶନ ଅତ୍ୟନ୍ତ ବିବାଦୀୟ ହୋଇ ପଡ଼ିଛନ୍ତି । ଏପରି ହେଲେ ସଚେତନ ଭୋଟରମାନେ ଭୋଟ ପ୍ରଦାନରୁ ବିରତ ହେବେ। ସମଗ୍ର ବିଶ୍ୱରେ ଭାରତ ସର୍ବବୃହତ ଗଣତନ୍ତ୍ର ବୋଲି ଯେଉଁ ମର୍ଜ୍ଜାଦା ପାଇ ଆସିଛି ତାହା କ୍ଷୁର୍ଣ୍ଣ ହେବ । ଗଣତନ୍ତ୍ରକୁ ବଞ୍ଚାଇବାକୁ ହେଲେ ଜନସାଧାରଣ ସଚେତନ ହେବା ଆବଶ୍ୟକ । ଏହି ସଚେତନତା କେବଳ ବୟାନ ବାଜିରେ ସୀମିତ ନ ରହି ପ୍ରୟୋଗାତ୍ମକ ହେବା ଉଚିତ । ପ୍ରତ୍ୟେକ ବୁଥରେ ଭୋଟରମାନେ ଭୋଟ ତାଲିକାକୁ ଅନୁଧ୍ୟାନ କରି ଯୋଗ୍ୟ ଭୋଟରମାନଙ୍କର ନାମ ଅଛି କି ନାହିଁ ଓ ଅଯୋଗ୍ୟ ଭୋଟରମାନଙ୍କର ନାମ କଟା ଯାଇଛି କି ନାହିଁ ତାହା ତଦାରଖ କରିବା ଉଚିତ । "ଜନ ଜାଗରଣ" ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ପ୍ରସ୍ତୁତ । ନିର୍ବାଚନ ପ୍ରକ୍ରିୟାର ବର୍ଣ୍ଣବୋଧ ହେଉଛି ଭୋଟର ତାଲିକା । ତାହା ବିଶୁଦ୍ଧ ହେବା ଏକାନ୍ତ ଆବଶ୍ୟକ ।

ଶେଷ ହେଲା ପ୍ରସ୍ତୁତି ବୈଠକ

ଲୋକଭବନରେ ହେବ ଭବ୍ୟ ସମାରୋହ

ଶପଥ ନେବେ ନୂଆ ରାଜ୍ୟପାଳ ବ୍ରଜମୋହନ ରାମ

- ଶପଥ କରାଇବେ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ
- ଆଜି କରିବେ ଶ୍ରୀଜିଉଙ୍କ ଦର୍ଶନ

ଭୁବନେଶ୍ୱର,୧୭/୧୦(ଜେଏନ୍ଏସ୍): ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ଆସନ୍ତା ଅକ୍ଟୋବର ୧୮ ତାରିଖ (ରବିବାର) ପୂର୍ବାହ୍ନ ୧୧ଟାରେ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିବେ। ଭୁବନେଶ୍ୱରସ୍ଥିତ ଲୋକଭବନର ନୂତନ ଅଭିଷେକ ହଲ୍ଠାରେ ଏହି ଭବ୍ୟ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ ତାଙ୍କୁ ଶପଥ ପାଠ କରାଇବେ। ନବନିଯୁକ୍ତ ରାଜ୍ୟପାଳ ଅକ୍ଟୋବର ୧୭ ତାରିଖ ମଧ୍ୟାହ୍ନରେ ବିମାନ ଯୋଗେ ଭୁବନେଶ୍ୱର ବିଜୁ ପଟ୍ଟନାୟକ



ଆନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି। ସେଠାରେ ତାଙ୍କୁ 'ଗାର୍ଡ ଅଫ୍ ହନର' ପ୍ରଦାନ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ସ୍ୱାଗତ କରିଛନ୍ତି। ଶପଥ ଗ୍ରହଣ ଉତ୍ସବକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଲୋକଭବନ ଏବଂ ରାଜଭବନ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆନୁଷଙ୍ଗିକ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ଶେଷ ହୋଇଛି। ଏହି ସମାରୋହରେ ପ୍ରାୟ ୩୦୦ରୁ ଅଧିକ ଅତିଥି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି, ଯେଉଁଥିରେ ଝାଡ଼ଖଣ୍ଡରୁ ମଧ୍ୟ ଅନେକ ବିଶିଷ୍ଟ ବ୍ୟକ୍ତି ସାମିଲ ହେବେ। ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଧାୟକ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ◥ ପୃଷ୍ଠା-୭


ଚଳଚଞ୍ଚଳ ରାଜ୍ୟ ସରକାର

୨୫ରେ ପ୍ରଧାନମନ୍ତ୍ରୀ, ୨୮ ରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୧୭/୧୦(ଜେଏନ୍ଏସ୍): ଓଡ଼ିଶାକୁ ଦେଶର ଦୁଇ ଜଣ ପ୍ରମୁଖ ଭିଭିଆଇପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଗାମୀ ହାଇପ୍ରୋଫାଇଲ୍ ଗସ୍ତକୁ ନେଇ ରାଜ୍ୟ ପ୍ରଶାସନ ତତ୍ପର ହୋଇଉଠିଛି । ଚଳିତ ଅକ୍ଟୋବର ମାସ ଶେଷ

- ଲୋକସେବା ଭବନରେ ଉଚ୍ଚସ୍ତରୀୟ ବୈଠକ
- ବିକାଶମୂଳକ ପ୍ରକଳ୍ପର ହେବ ଶିଳାନ୍ୟାସ

ସପ୍ତାହରେ ଏହି ଦୁଇ ଶୀର୍ଷ ନେତା ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଗସ୍ତକାଳରେ ସେମାନେ ରାଜ୍ୟରେ ଏକାଧିକ ସରକାରୀ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମରେ ଯୋଗଦେବାର ସୂଚନା ରହିଛି । ଉଭୟଙ୍କ ଗସ୍ତକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ରାଜ୍ୟ ସରକାର ସୁରକ୍ଷା ବ୍ୟବସ୍ଥା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛନ୍ତି ।





ଉଭୟ ଗସ୍ତର ବ୍ରୁ-ପ୍ରିଣ୍ଟ ଓ ପ୍ରସ୍ତୁତିର ସମୀକ୍ଷା ପାଇଁ ଆଜି ଶନିବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ◥ ପୃଷ୍ଠା-୭

ଭିଜିଲାନ୍ସ ଜାଲରେ ଅଧୀକ୍ଷଣ ଯନ୍ତ୍ରୀ ପ୍ରସନଜିତ୍ ଦାସ



- ମଝି ରାସ୍ତାରୁ ଗାଡ଼ି ଅଟକାଇ କାବୁ କଲେ ଅଧିକାରୀ
- ଏଜି ଛକ ଓ ଘାଟିକିଆ ଫ୍ଲାଟ୍ରୁ ମୋଟ ୨୧.୮୮ ଲକ୍ଷରୁ ଟଙ୍କା ଜବତ

ଭୁବନେଶ୍ୱର/କଟକ, ୧୭/୧୦ (ଜେଏନ୍ଏସ୍): କଟକ ଜଗତପୁରସ୍ଥିତ ମହାନଦୀ ନଦର୍ଣ୍ଣ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରସନଜିତ୍ ଦାସ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏକ ବିଳମ୍ବିତ ରାତିର ଅପରେସନ୍ ଏବଂ ପରବର୍ତ୍ତୀ ଚଢ଼ାଉ ଜରିଆରେ ତାଙ୍କ ନିକଟରୁ ମୋଟ ୨୧ ଲକ୍ଷ ୮୮ ହଜାର ୬୨୦ ଟଙ୍କାର ଅଘୋଷିତ ନଗଦ ଅର୍ଥ ଜବତ କରାଯାଇଛି।

ବିଭିନ୍ନ ଠିକାଦାରଙ୍କଠାରୁ ପିସି କିମ୍ବା ଲାଞ୍ଚ ବାବଦ ମୋଟା ଅଙ୍କର ଅର୍ଥ ସଂଗ୍ରହ କରି ଅଧୀକ୍ଷଣ ଯନ୍ତ୍ରୀ ପ୍ରସନଜିତ୍ ଦାସ ଗାଡ଼ିରେ ଯାଉଥିବା ନେଇ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦିଷ୍ଟ ସୂଚନା ମିଳିଥିଲା। ଏହି ଆଧାରରେ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱରର ଏଜି ଛକ ନିକଟରେ ତାଙ୍କର ସରକାରୀ ପକ୍ଷରୁ ଭଡ଼ାରେ ନିଆଯାଇଥିବା ବୋଲେରୋ ଗାଡ଼ିକୁ ଅଟକାଇଥିଲେ। ଗାଡ଼ି ଯାଞ୍ଚ ସମୟରେ ତାଙ୍କ ପାଖରୁ ପ୍ରଥମେ ୭ ଲକ୍ଷ ୨୮ ହଜାର ୬୨୦ ଟଙ୍କ

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

୨୦୨୭ ସୁଦ୍ଧା କନ୍ଧମାଳ ଓ ବୌଦ୍ଧ ଜିଲ୍ଲା ହେବ ନିଶାମୁକ୍ତ



କନ୍ଧମାଳ, ୧୭/୧୦ (ଜେଏନ୍ଏସ୍) : ଗଞ୍ଜେଇ କାରବାର, ଚାଷ ଓ ମାଦକ ଦ୍ରବ୍ୟ ପାଇଁ କନ୍ଧମାଳ ପୋଲିସ ପକ୍ଷରୁ 'ମିସନ୍ ଜିରୋ କାନାବିସ୍ କଲ୍ଟିଭେସନ' ଅଭିଯାନର ଶୁଭାରମ୍ଭ ହୋଇ ଯାଇଛି ସ୍ଥାନୀୟ ଜିଲ୍ଲା ପଞ୍ଚାୟତ ଭବନରେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ (ଏସଟିଏଫ) ଆଇ ଜି ହିମାଂଶୁ ଲାଲ ଯୋଗ ଦେଇ 'ଗଞ୍ଜେଇମୁକ୍ତ କନ୍ଧମାଳ ଅଭିଯାନ'ର ଶୁଭାରମ୍ଭ କରିଥିଲେ। ଯାହା କି ଡ୍ରୋନ୍ ମାଧ୍ୟମରେ ଗଞ୍ଜେଇ ଚାଷ ଅଞ୍ଚଳ ଚିହ୍ନଟ କରିବା, ଗଞ୍ଜେଇ ଚାଷୀଙ୍କୁ ଚିହ୍ନଟ କରିବା ଓ ଗଞ୍ଜେଇ ମାଫିଆମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ସବୁ ପ୍ରକାର ସୁବ୍ୟବସ୍ଥା ହୋଇଥିବା ଆଇଜି ଲାଲ କହିଛନ୍ତି। ୨୦୨୭ ମସିହା ମାର୍ଚ୍ଚ ମାସ ସୁଦ୍ଧା ବୌଦ୍ଧ ଓ କନ୍ଧମାଳ ଜିଲ୍ଲାକୁ ଗଞ୍ଜେଇ ଓ ମାଦକ ଦ୍ରବ୍ୟ ମୁକ୍ତ ହେବ ଓ ଏହାକୁ ବେଆଇନ କରାଯିବ ତତ୍ସହିତ ଡ୍ରୋନ୍ ସହାୟତାରେ ଗଞ୍ଜେଇ ଚାଷ ହେଉଥିବା ସମସ୍ତ ଅଞ୍ଚଳକୁ ଚିହ୍ନଟ କରିବା ପାଇଁ ବ୍ୟାପକ ଫୋର୍ସ ମୁତୟନ କରି ଗଞ୍ଜେଇ ଚାଷ ନଷ୍ଟ କରାଯିବା ନେଇ ସୂଚନା ଦେଇଥିଲେ। ଏଥିପାଇଁ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ କାର୍ଯ୍ୟକ୍ଷମ ହେବ ଓ ଏହା ମାଧ୍ୟମରେ ଗଞ୍ଜେଇ କାରବାର ଉପରେ ତୀକ୍ଷ୍ଣ ନଜର ରଖାଯିବ, ଚୋରା ଗଞ୍ଜେଇ ଚାଲାଣ କରାଯାଉଥିବା ବିଭିନ୍ନ ରୁଟ୍ ଉପରେ ପୁଲିସର ସତର୍କ ନଜର ରହିବ ବୋଲି କହିଥିଲେ । ଏନେଇ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି। ଏହି ଅଭିଯାନ ପାଇଁ ଯେଉଁ ଯବାନମାନେ ମାଓ ନିପାତ ଅଭିଯାନରେ ସାମିଲ ହୋଇଥିଲେ ସେହିମାନଙ୍କୁ ଗଞ୍ଜେଇମୁକ୍ତ ଅଭିଯାନରେ ସାମିଲ କରାଯିବ। ଏହାସହ ଗଞ୍ଜେଇ ସହାୟତା କରୁଥିବା ପୁଲିସ କର୍ମଚାରୀ, ରାଜସ୍ୱ କର୍ମଚାରୀ, ବନ କର୍ମଚାରୀ ଏବଂ ଅନ୍ୟାନ୍ୟ ଅଫିସରଙ୍କ ସ୍ୱତନ୍ତ୍ର ଗୁପ୍ତ ଦୃଷ୍ଟି ରଖାଯିବ। ଯଦି କୌଣସି ସୂତ୍ରରୁ ସଠିକ ପ୍ରମାଣ ମିଳେ ତେବେ ସେମାନଙ୍କ ବିରୋଧରେ ମଧ୍ୟ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଥାନାଧିକାରୀ, ଅବକାରୀ ଅଧିକାରୀ ଓ ଫରେଷ୍ଟ ରେଞ୍ଜର ଅଧିକାରୀମାନେ ସେମାନଙ୍କ ଅଞ୍ଚଳରେ ଗଞ୍ଜେଇ ଚାଷ ହେଉଛି ନା ନାହିଁ ବୋଲି ପ୍ରତି ମାସରେ ଏକ ଏନ୍ଓସି ବାଧ୍ୟତାମୂଳକ ଭାବେ ପ୍ରଦାନ କରିବେ। ଯେଉଁ ଅଫିସରମାନେ ଏନ୍ଓସି ପ୍ରଦାନ କରିବେ ନାହିଁ, ସେମାନଙ୍କ ଉପରେ କଡ଼ା ନଜର ରଖାଯିବ ଏବଂ ସେ ଅଞ୍ଚଳରେ ଚଢ଼ଉକୁ ଜୋରଦାର କରାଯିବ ବୋଲି ହିମାଂଶୁ ଲାଲ୍ କହିଛନ୍ତି। ଯେଉଁ ଅଞ୍ଚଳରେ ଚାଷ ହେଉଥିବା ପ୍ରମାଣ ମିଳିଲେ ସମ୍ପୃକ୍ତ ଅଞ୍ଚଳର ଥାନାଧିକାରୀ, ଫରେଷ୍ଟ ରେଞ୍ଜର ଏବଂ ଅବକାରୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଆସନ୍ତା ୨୦୨୯ ମସିହା ମଧ୍ୟରେ ସମଗ୍ର ଭାରତକୁ ଗଞ୍ଜେଇ ଓ ନିଶା ମୁକ୍ତ କରିବାକୁ ଆହ୍ୱାନ ଦେଇଥିବା କହିଥିଲେ। ଓଡ଼ିଶା ପୋଲିସ ପ୍ରଶାସନ ଏହାକୁ ପର୍ଯ୍ୟାୟ କ୍ରମେ ଦୃଢ଼ ପଦକ୍ଷେପ ନେବ ବୋଲି କନ୍ଧମାଳ ଏସ୍ପି ଆହ୍ୱାନ ଦେଇଛନ୍ତି । ଏହାକୁ ନେଇ ସମସ୍ତ ପ୍ରକାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି ବୌଦ୍ଧ ଓ କନ୍ଧମାଳ ଜିଲ୍ଲାକୁ ଗଞ୍ଜେଇମୁକ୍ତ କରିବାକୁ। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ପୋଲିସ ପ୍ରଶାସନିକ ଅଧିକାରୀ ଓ ଉଭୟ ଡିଏଫ୍ଓ, ଅବକାରି ଅଧ୍ୟକ୍ଷ ଏବଂ ଜିଲ୍ଲାସ୍ତରୀୟ ବହୁ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

ଗଜପତିରେ ଚିତାବାଘ ଛାଲ ଜବତ, ୬ ଜଣ ଅଟକ

ପାରଳାଖେମୁଣ୍ଡି, ୧୭/୧୦ (ଜେଏନ୍ଏସ୍) : ବନ୍ୟଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗର ବେଆଇନ କାରବାର ବିରୋଧରେ ପାରଳାଖେମୁଣ୍ଡି ବନଖଣ୍ଡ ପକ୍ଷରୁ ବଡ଼ ଧରଣର ଚଢ଼ାଉ କରାଯାଇଛି। ଦେବଗିରି ଓ ମୋହନା ବନାଞ୍ଚଳରେ ପୃଥକ ଚଢ଼ାଉ କରି ୨ଟି ଚିତାବାଘ ଛାଲ ଜବତ କରିଛି ବନ ବିଭାଗ। ଏହି ଘଟଣାରେ ୬ ଜଣଙ୍କୁ ଧରାଯାଇଥିବା ବେଳେ ୩ଟି ମୋଟରସାଇକେଲ୍ ଓ ୬ଟି ମୋବାଇଲ୍ ଫୋନ୍ ଜବତ ହୋଇଛି। ପାରଳାଖେମୁଣ୍ଡି ନୂଆ ବସ୍ଷ୍ଟାଣ୍ଡ ନିକଟରେ ଅକ୍ଟୋବର ୮ ତାରିଖରେ ପ୍ରଥମ ଚଢ଼ାଉ ହୋଇଥିବା ବେଳେ ଅକ୍ଟୋବର ୯ ତାରିଖରେ ମୋହନା ବନାଞ୍ଚଳର ତୁଳସୀନଗର ନିକଟରେ ଦ୍ୱିତୀୟ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉଗୁଡ଼ିକରେ ଜବତ ସାମଗ୍ରୀକୁ ନେଇ ବନ ବିଭାଗ ତଦନ୍ତ ଜାରି ରଖିଛି। ପାରଳାଖେମୁଣ୍ଡି ବନଖଣ୍ଡର ଏସିଏଫ୍ ଶାଇନ୍ ଶ୍ରୀ ଦାଶଙ୍କ ନେତୃତ୍ୱରେ ଏହି ଅଭିଯାନ ହୋଇଥିଲା।

ନିମାପଡ଼ାରେ ଜଗନ୍ନାଥ ଚେତନାର ମହାମିଳନ

ରାଜରାଜେଶ୍ୱର ବେଶ ଦର୍ଶନରେ ଶ୍ରଦ୍ଧାଳୁ



ନିମାପଡ଼ା, ୧୭/୧୦ (ଜେଏନ୍ଏସ୍) : ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରାଜରାଜେଶ୍ୱରୀଙ୍କ ବେଶ ଦେଖି ନିମାପଡ଼ା ବାସୀ ଭାବ ବିହ୍ୱଳ। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ଟାଉନହଲ ପଡ଼ିଆ।। ଦୁଇଦିନ ଧରି ଚାଲିଥିବା ଶ୍ରୀ ଜଗନ୍ନାଥ ଚେତନା ମହୋତ୍ସବ ୨୦୨୬, ଭକ୍ତିର ଭାବ, ଭଜନର ମୂର୍ଚ୍ଛନା, ଓଡ଼ିଶାର ପାରମ୍ପରିକ ନୃତ୍ୟ ଏବଂ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ମଧ୍ୟରେ ଶେଷହେଲା । ମହୋତ୍ସବର ଶେଷ ଦିନରେ ସାଧୁସନ୍ଥ, ଶ୍ରୀମନ୍ଦିର ସେବାୟତ, ପଣ୍ଡିତ, ବିଭିନ୍ନ ମଠମନ୍ଦିରର ପ୍ରତିନିଧି ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସୃଷ୍ଟି ହୋଇଥିଲା ଏକ ଭକ୍ତିମୟ ପରିବେଶ। ଆନ୍ତର୍ଜାତୀୟ ଶ୍ରୀ ଜଗନ୍ନାଥ ପ୍ରତିଷ୍ଠାନ ଭାରତର ସହଯୋଗରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା । ଶ୍ରୀମନ୍ଦିରର ହେଉଥିବା ନୀତିକାନ୍ତି ବିଷୟରେ ଜାଣିଲେ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁ। ମହୋତ୍ସବର ଦ୍ୱିତୀୟ ଦିନର ମୁଖ୍ୟ ଆକର୍ଷଣ ଥିଲା ଶ୍ରୀମନ୍ଦିରର ନୀତିକାନ୍ତି, ପୂଜାପଦ୍ଧତି ଓ ମହାପ୍ରସାଦ ପ୍ରସ୍ତୁତି ସମ୍ପର୍କିତ ଆଲୋଚନା ଚକ୍ର। ଶ୍ରୀମନ୍ଦିରର ସେବାୟତ ବିଶ୍ୱନାଥ ସାମନ୍ତରା ଓ ରାଧାନାଥ ପ୍ରତିହାରୀ ଭୋଗ ରୋଷଘରର ପାରମ୍ପରିକ ଶୈଳୀ, ଭୋଗ ପ୍ରସ୍ତୁତି ଓ ସେବା ପରମ୍ପରା ସମ୍ପର୍କରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ବୁଝାଇଥିଲେ। ବାରିପଦା ଶ୍ରୀଜଗନ୍ନାଥ ମନ୍ଦିରର ପୂଜକ ଅରୁଣ ମିଶ୍ର, ପଣ୍ଡିତ ନିରଞ୍ଜନ ମିଶ୍ର ଓ ଶ୍ରୀମନ୍ଦିରର ଚନ୍ଦନଲାଗି ସେବକ ଡ. ଶ୍ରୀନିବାସ ଘଟୁଆରୀ ଦୁଇଦିନ ଧରି ସାଧୁସନ୍ଥଙ୍କ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଏହି ଆଲୋଚନାରେ ଗୁପ୍ତ ଶ୍ରୀକ୍ଷେତ୍ର ଏରବଙ୍ଗର ଶ୍ରୀଶ୍ରୀ ବଳରାମ ଜୀଉ ମନ୍ଦିର, ଅନୁଆର ଶ୍ରୀଜଗନ୍ନାଥ ମନ୍ଦିର, ଦିବ୍ୟଜୀବନ ସଂଘ, କୁଞ୍ଜବିହାରୀ ମଠ, ରାହାସବାଡ଼ି ମଠ, ପତିତପାବନ ମନ୍ଦିର, ସତ୍ୟସାଇ ମନ୍ଦିର, ସାଇ ନୀଳୟ ଟ୍ରଷ୍ଟ, ନାଗପୁର ଶ୍ରୀଜଗନ୍ନାଥ ମନ୍ଦିର, ଅନନ୍ତ ବାସୁଦେବ ନିରାକାର ବ୍ରହ୍ମ, ବାରମାଣିଆ ଓ ଅର୍ଜୁନପୁର ଶ୍ରୀଜଗନ୍ନାଥ ମନ୍ଦିର ସମେତ ବହୁ ଧାର୍ମିକ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ। ଟାଉନ ହଲ ପଡ଼ିଆରେ ଅନୁଷ୍ଠିତ ଚେତନା ମହୋତ୍ସବରେ ଯୋଗ ଦେଇଥିବା ସାଧୁ ସନ୍ଥମାନେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ପାଇଁ ଆହ୍ୱାନ ଦେଇଛନ୍ତି। ଦୁଇ ସଂଧ୍ୟାରେ ଆଧ୍ୟାତ୍ମିକ ଭାବଧାରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ସଭାପତି ଡ. ଦିଲ୍ଲୀପ କୁମାର ପଟ୍ଟନାୟକ, ମହାନିର୍ଦ୍ଦେଶକ ଡ. ଭାସ୍କର ଚନ୍ଦ୍ର ମିଶ୍ର, ଉପଦେଷ୍ଟା ସୁମିତ୍ରା ଜେନା, ବରିଷ୍ଠ ଡାକ୍ତର ଇନ୍ଦ୍ରମଣି ଜେନା ଓ ନନ୍ଦକିଶୋର ଜେନା ପ୍ରମୁଖ ଏହି ସଭାରେ ଯୋଗଦେଇଥିଲେ। ଶ୍ରୀମନ୍ଦିରର ପ୍ରାଚୀନ ପରମ୍ପରା, ନୀତିକାନ୍ତି ଓ ପୂଜାବିଧି ସମ୍ପର୍କରେ ଜାଣିବା ସହ ଏହାକୁ ଆଗାମୀ ପିଢ଼ି ପାଇଁ ସଂରକ୍ଷଣ କରିବା ଉପରେ ଆଲୋଚନା ହୋଇଥିଲା।

ପାରଳାଖେମୁଣ୍ଡି ନୂଆ ବସ୍ଷ୍ଟାଣ୍ଡରେ ଶୌଚାଳୟ ଅଚଳ, ଯାତ୍ରୀଙ୍କ ଦୁର୍ଦ୍ଦଶା

ପାରଳାଖେମୁଣ୍ଡି, ୧୭/୧୦ (ଜେଏନ୍ଏସ୍) : ଗଜପତି ଜିଲ୍ଲାର ମୁଖ୍ୟ ସହର ପାରଳାଖେମୁଣ୍ଡିର ନୂଆ ବସ୍ଷ୍ଟାଣ୍ଡକୁ ପ୍ରତିଦିନ ଶତାଧିକ ଯାତ୍ରୀ ଆସୁଥିବା ବେଳେ ମୌଳିକ ସୁବିଧାକୁ ନେଇ ଏବେ ଅସନ୍ତୋଷ ଦେଖାଦେଇଛି। ବସ୍ଷ୍ଟାଣ୍ଡରେ ଥିବା ଶୌଚାଳୟ ଦୀର୍ଘଦିନ ଧରି ଠିକ୍ ଭାବେ କାମ କରୁନଥିବା ଯାତ୍ରୀ ଓ ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ବସ୍ଷ୍ଟାଣ୍ଡ ହେଉଛି ସହରର ଏକ ପ୍ରମୁଖ ସାଧାରଣ ସ୍ଥାନ। ଏଠାକୁ ଦୂରଦୂରାନ୍ତରୁ ଯାତ୍ରୀ, ମହିଳା, ଶିଶୁ ଓ ବୃଦ୍ଧମାନେ ଆସିଥାନ୍ତି। ଏଭଳି ସ୍ଥାନରେ ଶୌଚାଳୟ ଭଳି ମୌଳିକ ସୁବିଧା ଅଚଳ ହୋଇ ରହିବା ଯାତ୍ରୀଙ୍କ ପାଇଁ ବଡ଼ ସମସ୍ୟା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ସୂଚନା ଅନୁସାରେ, ବସ୍ଷ୍ଟାଣ୍ଡର ଶୌଚାଳୟ ସମସ୍ୟା ସମ୍ପର୍କରେ ଅଭିଯୋଗ ହେବା ପରେ ବିଧାୟକ ରୂପେଶ ପାଣିଗ୍ରାହୀ ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିବା କଥା ସ୍ଥାନୀୟ ମହଲରୁ ଜଣାପଡ଼ିଛି। କିନ୍ତୁ ନିର୍ଦ୍ଦେଶ ପରେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ରହିଛି। ଏବେ ପ୍ରଶ୍ନ ଉଠୁଛି, ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ସହ ଜଡ଼ିତ ଏହି ସମସ୍ୟା କାହିଁକି ଦୀର୍ଘଦିନ ଧରି ଅବହେଳିତ ହୋଇ ରହିଛି ? ଶୌଚାଳୟ ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ କାହାର ? ଅଭିଯୋଗ ଓ ନିର୍ଦ୍ଦେଶ ପରେ ମଧ୍ୟ ଯଦି ସମସ୍ୟା ସମାଧାନ ହୋଇନାହିଁ, ତେବେ ଏହାର ଦାୟିତ୍ୱ କିଏ ନେବ ? ଯାତ୍ରୀମାନଙ୍କ କହିବା ଅନୁସାରେ, ବସ୍ଷ୍ଟାଣ୍ଡରେ ପର୍ଯ୍ୟାପ୍ତ ଓ ସ୍ୱଚ୍ଛ ଶୌଚାଳୟ ବ୍ୟବସ୍ଥା ରହିବା ଅତ୍ୟନ୍ତ ଆବଶ୍ୟକ। ବିଶେଷକରି ମହିଳା ଓ ବୃଦ୍ଧ ଯାତ୍ରୀମାନେ ଏଥିପାଇଁ ଅଧିକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ରହିଛି। ସହରର ବିକାଶ ନେଇ ବିଭିନ୍ନ ଯୋଜନା ଓ ଆଲୋଚନା ହେଉଥିବା ବେଳେ ଏକ ପ୍ରମୁଖ ବସ୍ଷ୍ଟାଣ୍ଡରେ ମୌଳିକ ଶୌଚାଳୟ ସୁବିଧା ଠିକ୍ ଭାବେ ଉପଲବ୍ଧ ନଥିବା ଘଟଣା ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ସ୍ଥାନୀୟ ନାଗରିକଙ୍କ ଦାବି, ନୂଆ ବସ୍ଷ୍ଟାଣ୍ଡର ଶୌଚାଳୟକୁ ତୁରନ୍ତ ମରାମତି କରାଯାଇ ସ୍ୱଚ୍ଛ ଓ ବ୍ୟବହାରଯୋଗ୍ୟ କରାଯାଉ। ଏହା ସହିତ ନିୟମିତ ସଫେଇ, ପାଣି ଯୋଗାଣ ଓ ରକ୍ଷଣାବେକ୍ଷଣ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯାଉ। ପାରଳାଖେମୁଣ୍ଡି ସହରର ବିକାଶ କେବଳ ବଡ଼ ବଡ଼ ପ୍ରକଳ୍ପ ଘୋଷଣାରେ ସୀମିତ ନ ରହି ସାଧାରଣ ଲୋକଙ୍କ ଦୈନନ୍ଦିନ ମୌଳିକ ସମସ୍ୟାର ସମାଧାନରେ ପ୍ରତିଫଳିତ ହେବା ଆବଶ୍ୟକ। ଏବେ ନଜର ରହିଛି ନୂଆ ବସ୍ଷ୍ଟାଣ୍ଡ ଶୌଚାଳୟ ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ।

ପ୍ରଶାସନର ଦାୟିତ୍ୱକୁ ନେଇ ଉଠିଲା ପ୍ରଶ୍ନ

ଦ୍ୱିତୀୟ ରଞ୍ଜୀ ଗ୍ରୀନ ମାରାଥନ ପାଇଁ ସାମ୍ବାଦିକ ସମ୍ମିଳନୀ



କନ୍ଧମାଳ, ୧୭/୧୦ (ଜେଏନ୍ଏସ୍) : ଫୁଲବାଣୀ ରୋଟାରୀ କ୍ଲବ ଓ ପବ୍ଲିକ ସ୍କୁଲର ମିଳିତ ସହଯୋଗରେ ଆସନ୍ତା ଜାନୁଆରୀ ୩୧ତାରିଖ ଦିନ ଫୁଲବାଣୀରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଦ୍ୱିତୀୟ ରଞ୍ଜୀ ମାରାଥନ ସଂପର୍କରେ ଶନିବାର ରୋଟାରୀ କ୍ଲବ୍ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ରୋଟାରୀ କ୍ଲବ ସମ୍ପାଦକ ସୁନୀଲ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବାସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ବର୍ଣ୍ଣନା କରିବା ଓ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ବିଜୟକୃଷ୍ଣ ପଟ୍ଟନାୟକ ଓ ରୋଟାରୀ ଉପସଭାପତି ତଥା କାର୍ଯ୍ୟକ୍ରମର ଆବାହକ ରାଜେଶ୍ ପାତ୍ର, ସହ ଆବାହକ ରୋଟାରିଆନ ରୂପକ ମହାନ୍ତି ପ୍ରମୁଖ ଯୋଗ ଦେଇ ଥିଲେ। ଆସନ୍ତା ଜାନୁୟାରୀ ୩୧, ୨୦୨୬ରେ ୩କିମି, ୫କିମି, ୧୦କିମି ଓ ୨୧କିମି ମାରାଥନ ଅନୁଷ୍ଠିତ ହେବ ନେଇ ସୂଚନା ଦେଇଥିଲେ । ଫୁଲବାଣୀ କୋରୋନେସନ୍ ପଡ଼ିଆରୁ ସକାଳ ୬ଟା୩୦ମିନଟରୁ ମାରାଥନ ଆରମ୍ଭ ହେବ। ଆନ୍ତର୍ଜାତୀୟ କ୍ରୀଡ଼ାବିତ୍ ଶ୍ରାବଣୀ ନନ୍ଦ କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସଡର୍ ରହିବା ନେଇ ଆଗୁଆ ସୂଚନା ଦେଇଛନ୍ତି। କୃତି ପ୍ରତିଯୋଗୀମାନଙ୍କୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଅର୍ଥ ରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ ବ୍ୟବସ୍ଥା ରହିଥିବା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ୱେବ୍ ସାଇଟ୍ରେ ଅନଲାଇନ୍ ମାଧ୍ୟମରେ ନିଜ ନିଜ ନାମ ପଞ୍ଜି କରଣ ଆରମ୍ଭ କରାଯାଇଛି। ଅଫ୍ଲାଇନରେ ବି ରୋଟାରି କ୍ଲବ ସହ ଯୋଗାଯୋଗ କରିବା ପାଇଁ ସୁବିଧା ଉପଲବ୍ଧ ଥିବା ଜଣାଇଛନ୍ତି। ମାରାଥନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସହ, ବୃକ୍ଷ ରୋପଣ କରିବା , ନିଶା ମୁକ୍ତ କରିବା , ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି କରିବା। ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ରୋଟାରୀ କ୍ଲବ ଓ ପବ୍ଲିକ ସ୍କୁଲ ପକ୍ଷରୁ ମିଳିତ ଭାବେ ଏହି ମାରାଥନ ଅଯୋଜନ କରାଯାଉଥିବା ନେଇ ସଭାପତି ବିଜୟ କୃଷ୍ଣ ପଟ୍ଟନାୟକ ଓ ଆବାହକ ତଥା ଉପ ସଭାପତି ରାଜେଶ ପାତ୍ର କହିଥିଲେ । ଏହି ଅବସରରେ ରୋଟାରୀ କ୍ଲବ ପକ୍ଷରୁ ମେଗା ରକ୍ତଦାନ ଶିବିର ଓ ରାଜ୍ୟସ୍ତରୀୟ ସେମିନାର ମଧ୍ୟ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୁନୀଲ ପଟ୍ଟନାୟକ କହିଥିଲେ। ଏହି ଅବସରରେ କ୍ରୀଡ଼ାକୁ ସର୍ବଦା ପ୍ରୋତ୍ସାହିତ କରୁଥିବା ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ଜିଲ୍ଲା କ୍ରୀଡ଼ା ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀଙ୍କୁ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲାସ୍ତରୀୟ ବିଭିନ୍ନ ସମ୍ବାଦ ପତ୍ର ଟିଭି ଚ୍ୟାନେଲ ଯୋଗ ଦେଇଥିଲେ। ମାରାଥନ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାରରେ ସହଯୋଗ କରିଥିବା ସାମ୍ବାଦିକଙ୍କୁ ରାଜ୍ୟସ୍ତରୀୟ ମାରାଥନ୍ କାର୍ଯ୍ୟକ୍ରମରେ ରୋଟାରୀ ଇଣ୍ଟେରନେସନାଲ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ଅର୍ଥ ରାଶି ମଧ୍ୟ କେତେକଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ବହୁ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

୧୫ ଦିନ ହେଲା ଅନ୍ଧାରରେ ପୁରୁଣା କୋର୍ଟ ଛକ, ୧୦ ଦିନ ମଧ୍ୟରେ ମରାମତି ପ୍ରତିଶ୍ରୁତି

ଗଜପତି, ୧୭/୧୦ (ଜେଏନ୍ଏସ୍) : ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହରର ପୁରୁଣା କୋର୍ଟ ଛକରେ ହାଇମାଷ୍ଟ ଲାଇଟ୍ ଦୀର୍ଘ ୧୫ ଦିନ ଧରି ଅଚଳ ହୋଇ ପଡ଼ିରହିଛି। ଫଳରେ ରାତି ସମୟରେ ଛକଟି ଅନ୍ଧାରରେ ରହୁଥିବାରୁ ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି। ଏହି ସମସ୍ୟାକୁ ନେଇ ଏକ୍ଜିକ୍ୟୁଟିଭ୍ ଅଫିସର୍ଙ୍କ ସହ ଆଲୋଚନା କରାଯାଇଥିଲା। ଅଧିକାରୀଙ୍କ କହିବା ଅନୁଯାୟୀ, ହାଇମାଷ୍ଟ ଲାଇଟ୍ର ମରାମତି ଦାୟିତ୍ୱ ଏକ ଘରୋଇ ଏଜେନ୍ସିକୁ ଦିଆଯାଇଛି। କିନ୍ତୁ ଏଜେନ୍ସି ଠିକ୍ ଭାବେ କାମ କରୁନଥିବାରୁ ମରାମତିରେ ବିଳମ୍ବ ହେଉଛି। ଆସନ୍ତା ୮ରୁ ୧୦ ଦିନ ମଧ୍ୟରେ ଲାଇଟ୍ ମରାମତି କରାଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଅଧିକାରୀଙ୍କ ଏହି ପ୍ରତିଶ୍ରୁତି କେତେ ଶୀଘ୍ର କାର୍ଯ୍ୟକାରୀ ହେଉଛି, ତାହା ଏବେ ଦେଖିବାକୁ ବାକି ରହିଲା। ସହରବାସୀଙ୍କ ଦାବି, ଅଧିକ ବିଳମ୍ବ ନକରି ତୁରନ୍ତ ହାଇମାଷ୍ଟ ଲାଇଟ୍କୁ ସଚଳ କରାଯାଉ।

ଇଭି ଚାର୍ଜିଙ୍ଗ ସେଣ୍ଟର୍ ଓ ଚକରା ବିଷୋୟୀ ସଂଗ୍ରହାଳୟର ଶିଳାନ୍ୟାସ



ସୋରଡ଼ା, ୧୭/୧୦ (ଜେଏନ୍ଏସ୍) : ସୋରଡ଼ାର ବିଧାୟକ ନୀଳମଣି ବିଷୋୟ



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ପରିବେଶ ସୁରକ୍ଷାରେ ଭାରତର ବଡ଼ ସଫଳତା

୧୦୩ରେ ପହଞ୍ଚିଲା ରାମସାର ସାଇଟ୍ ସଂଖ୍ୟା



- ଯୋଡ଼ି ହେଲେ ଦୁଇଟି ନୂଆ ଆଦ୍ରଭୂମି
- ଚଣ୍ଡୀଗଡ଼ର ପ୍ରସିଦ୍ଧ 'ସୁଖନା' ଏବଂ ଉତ୍ତର ପ୍ରଦେଶର 'ସୌଜ୍ ଝିଲ୍'କୁ ମିଳିଲା ଆନ୍ତର୍ଜାତୀୟ ମାନ୍ୟତା
- ୩୦,୦୦୦ରୁ ଅଧିକ ପକ୍ଷୀଙ୍କ ଘର 'ସୌଜ୍ ଝିଲ୍'

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭/୧୦ : ବିଶ୍ୱ ପରିବେଶ ଏବଂ ଆଦ୍ରଭୂମି ସଂରକ୍ଷଣ ମାନଚିତ୍ରରେ ଭାରତ ଆଉ ଏକ ଗୌରବମୟ ମାଇଲଖୁଣ୍ଟ ହାସଲ କରିଛି। କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି ଯେ, ଭାରତର ମୋଟ ରାମସାର ସାଇଟ୍ ସଂଖ୍ୟା ଏବେ ୧୦୩ରେ ପହଞ୍ଚିଛି। ଏହି ବିଶ୍ୱସ୍ତରୀୟ ତାଲିକାରେ ନୂତନ ଭାବେ ଚଣ୍ଡୀଗଡ଼ର ସୁଖନା ଆଦ୍ରଭୂମି ଏବଂ ଉତ୍ତର ପ୍ରଦେଶର ମୈନପୁରୀ ଜିଲ୍ଲାରେ ଥିବା ସୌଜ୍ ଝିଲ୍ କୁ ସାମିଲ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଦେଶର ଜୈବ ବିବିଧତା ଓ ଜଳ ସୁରକ୍ଷା ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଯୋଗୁଁ ଏହି ସଫଳତା ମିଳିଛି ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରକାଶ କରିଛନ୍ତି। ହିମାଳୟର ପାଦଦେଶରେ ଅବସ୍ଥିତ ପ୍ରାୟ ୫୬୫ ଏକର ପରିମିତ ସୁଖନା ଆଦ୍ରଭୂମି ହେଉଛି ଚଣ୍ଡୀଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ସର୍ବପ୍ରଥମ ରାମସାର ସାଇଟ୍, ଯାହାକୁ ଆନ୍ତର୍ଜାତୀୟ ତାଲିକାରେ 'ସାଇଟ୍ ନମ୍ବର ୨୬୦୨' ଭାବେ ସ୍ଥାନ ମିଳିଛି। ଏହି ସହରୀ ପରିବେଶ ଆଦ୍ରଭୂମିଟି ପ୍ରତିବର୍ଷ 'ସେଣ୍ଟ୍ରାଲ୍ ଏସିଆନ୍ ଫ୍ଲାଇୱେ' ଦେଇ ଯାତ୍ରା କରୁଥିବା ହଜାର ହଜାର ପ୍ରବାସୀ ଏବଂ ସ୍ଥାନୀୟ ପାଣିପକ୍ଷୀଙ୍କ ପାଇଁ ଏକ ପ୍ରମୁଖ ଆଶ୍ରୟସ୍ଥଳୀ। ଏଠାରେ ବିଲୁପ୍ତପ୍ରାୟ 'ପାଲାସ୍ ଫିସ୍ ଇଗଲ୍', 'କମନ୍ ପୋଚାର୍ଡ' ଏବଂ ବିରଳ ପ୍ରଜାତିର 'କଳା ପୋଖରୀ କାଉଁଚ' ଭଳି ଜୀବଜନ୍ତୁ ବାସ କରନ୍ତି। ଏହି ମାନ୍ୟତା ମିଳିବା ପରେ ଏହାର ଜଳର ଗୁଣବତ୍ତା ରକ୍ଷା କରିବା ଏବଂ ଜୈବିକ ସନ୍ତୁଳନ ବଜାୟ ରଖିବା ପାଇଁ ବୈଜ୍ଞାନିକ ପଦ୍ଧତିରେ କାର୍ଯ୍ୟ କରାଯିବ।

ଅନ୍ୟପକ୍ଷରେ, ଉତ୍ତର ପ୍ରଦେଶର ଗଙ୍ଗା ଅବବାହିକାରେ ଥିବା ସୌଜ୍ ଝିଲ୍ (ଜାତୀୟ ସାଇଟ୍ ନମ୍ବର ୨୬୦୩) ତାର ଅପୂର୍ବ ପକ୍ଷୀ ସଂରକ୍ଷଣ କ୍ଷମତା ପାଇଁ ଜଣାଶୁଣା। ସାମନ ପକ୍ଷୀ ଅଭୟାରଣ୍ୟ ନିକଟରେ ଥିବା ଏହି ଅଗଭୀର ହ୍ରାସଟି ନିୟମିତ ଭାବେ ୩୦,୦୦୦ରୁ ଅଧିକ ଜଳପକ୍ଷୀଙ୍କୁ ଖାଦ୍ୟ ଓ ଆଶ୍ରୟ ଯୋଗାଇଥାଏ। ଏଠାରେ ଭାରତର ଜାତୀୟ ସାରସ ପକ୍ଷୀ ଏବଂ 'ଗ୍ରେଟର ସ୍ୱଟେଡ୍ ଇଗଲ୍' ଭଳି ଶକ୍ତିଶାଳୀ ଉଡ଼ନ୍ତା ଜୀବଙ୍କ ବଂଶବୃଦ୍ଧି ପ୍ରକ୍ରିୟା ଚାଲିଥାଏ। ଏହି ନୂଆ ଅନ୍ତର୍ଭୁକ୍ତି ସହିତ ଉତ୍ତର ପ୍ରଦେଶ ଦେଶରେ ସର୍ବାଧିକ ରାମସାର ସାଇଟ୍ ତାଲିକାରେ ଦ୍ୱାରୀୟ ସ୍ଥାନରେ ରହିଛି।

ସୂଚନାଯୋଗ୍ୟ ଯେ, 'ରାମସାର୍ କନଭେନସନ୍' ହେଉଛି ୧୯୭୧ ମସିହା ଫେବୃଆରୀ ୨ ତାରିଖରେ ଇରାନର ରାମସାର୍ ସହରରେ ସ୍ୱାକ୍ଷରିତ ହୋଇଥିବା ଏକ ଆନ୍ତର୍ଜାତୀୟ ପରିବେଶ ଚୁକ୍ତି। ଭାରତ ୧ ଫେବୃଆରୀ ୧୯୮୨ରେ ଏହି ଚୁକ୍ତିରେ ସାମିଲ ହୋଇଥିଲା। କୌଣସି ଆଦ୍ରଭୂମିକୁ ଏହି ତାଲିକାରେ ସ୍ଥାନ ମିଳିବା ପରେ ସେଠାରେ ବିଶ୍ୱସ୍ତରୀୟ ବୈଜ୍ଞାନିକ ସମୀକ୍ଷା, ବୈଷୟିକ ସହାୟତା ଏବଂ ପରିବେଶ ପର୍ଯ୍ୟଟନର ବିକାଶ ପାଇଁ ସୁଯୋଗ ବୃଦ୍ଧି ପାଇଥାଏ। ୨୦୨୪ ମସିହା ପୂର୍ବରୁ ଭାରତରେ ମାତ୍ର ୨୬ଟି ରାମସାର ସାଇଟ୍ ଥିବା ବେଳେ ଗତ କିଛି ବର୍ଷ ମଧ୍ୟରେ ଏଥିରେ ୨୬୬% ରୁ ଅଧିକ ଅଭୂତପୂର୍ବ ବୃଦ୍ଧି ଘଟିଛି। ବର୍ତ୍ତମାନ ଭାରତ ସମଗ୍ର ଦକ୍ଷିଣ ଏସିଆରେ ସର୍ବାଧିକ ସଂଖ୍ୟକ ରାମସାର୍ ସାଇଟ୍ ଥିବା ଦେଶ ଭାବେ ଗୌରବ ଅର୍ଜନ କରିଛି। ଓଡ଼ିଶାର ପ୍ରସିଦ୍ଧ ଚିଲିକା ହ୍ରଦ ଏବଂ ଭିତରକନିକା ଜାତୀୟଉଦ୍ୟାନ ମଧ୍ୟ ଭାରତର ପ୍ରମୁଖ ରାମସାର୍ ସାଇଟ୍ ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି।

ତ୍ରିରଙ୍ଗା ମାର୍ଚ୍ଚକୁ ନେଇ ଦିଲ୍ଲୀରେ ହାଇ-ଆଲର୍ଟ



- ଛାଉଣୀରେ ପରିଣତ ହେଲା କନକର୍ଟ ପ୍ଲେସ
- ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କ ଆହ୍ୱାନ ପରେ କମିଶନରଙ୍କ ଉଚ୍ଚସ୍ତରୀୟ ବୈଠକ
- ସୀମିତ ପତାକା ଉଡ଼ାଇବାକୁ ଅନୁମତି, ସର୍ବସାଧାରଣଙ୍କୁ ଚେତାବନୀ

ନୂଆଦିଲ୍ଲୀ,୧୭/୧୦ : ରାଜଧାନୀ ଦିଲ୍ଲୀର ବ୍ୟବସାୟିକ ପ୍ରାଣକେନ୍ଦ୍ର କନକର୍ଟ ପ୍ଲେସ ଏବେ ଏକ ଅଭେଦ୍ୟ ଦୁର୍ଗରେ ପରିଣତ ହୋଇଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି କକ୍ରୋର୍ ଜନତା ପାର୍ଟି ପକ୍ଷରୁ ଆଜି ଆୟୋଜିତ ହେବାକୁ ଥିବା 'ଲହରା ଦୋ ତ୍ରିରଙ୍ଗା' ମାର୍ଚ୍ଚକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରିଦେଇଛି। କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ଆନ୍ଦୋଳନକୁ ଏଡ଼ାଇବା ପାଇଁ ନ୍ୟୁ ଦିଲ୍ଲୀ ମ୍ୟୁନିସିପାଲ କାଉନସିଲ ପକ୍ଷରୁ କନକର୍ଟ ପ୍ଲେସର ସେଣ୍ଟ୍ରାଲ ପାର୍କକୁ ଅକ୍ଟୋବର ୧୬ ଏବଂ ୧୭ ତାରିଖ ଦୁଇ ଦିନ ପାଇଁ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରାଯାଇଛି। ଏହାସହ ସମଗ୍ର ଅଞ୍ଚଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ (ପୂର୍ବତନ ଧାରା ୧୪୪) ଜାରି କରାଯାଇ ଜନସମାବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି।

ଆନ୍ଦୋଳନକୁ ନେଇ ସ୍ଥିତି ଜଟିଳ ହେବା ଆଶଙ୍କା କରି ଦିଲ୍ଲୀ ପୋଲିସ କମିଶନର ଅନୁରାଗ କୁମାରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ସମ୍ଭାଳିବା ପାଇଁ କନକର୍ଟ ପ୍ଲେସ ଏବଂ ଏହାର ଆଖପାଖ ଅଞ୍ଚଳରେ ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସର ବ୍ୟାପକ କମ୍ପାନୀ ସହ ହଜାର ହଜାର ସ୍ଥାନୀୟ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ସହରର ବିଭିନ୍ନ ପ୍ରବେଶ ପଥରେ ବାରିକେଡ୍ ଲଗାଯିବା ସହ ସନ୍ଦିଗ୍ଧ ବ୍ୟକ୍ତି ଓ ଯାନବାହନ ଉପରେ କଡ଼ା ନଜର ରଖାଯାଇଛି। ଆବଶ୍ୟକ ପଡ଼ିଲେ କନକର୍ଟ ପ୍ଲେସ ଆଡ଼କୁ ଯାଉଥିବା କେତେକ ମେଟ୍ରୋ ଷ୍ଟେସନର ଗେଟ୍ ମଧ୍ୟ ବନ୍ଦ କରାଯାଇପାରେ ବୋଲି ପୋଲିସ ସୂଚନା ଦେଇଛି।

ଭୋଟର ତାଲିକାର ବିଶେଷ ସଂଶୋଧନରେ ଅନିୟମିତତା ଅଭିଯୋଗ କରି ଗତ କିଛି ଦିନ ହେବ ଦିଲ୍ଲୀରେ ପ୍ରତିବାଦ ଜାରି ରହିଛି। ଏହି କ୍ରମରେ ସିଜେପି ନେତା ସୌରଭ ଦାସ ଏବଂ ଆଶୁତୋଷ ରାଙ୍କାଙ୍କୁ ପୋଲିସ ଗିରଫ କରି ୫ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇବା ପରେ ଆନ୍ଦୋଳନ ଆହୁରି ତୀବ୍ର ହୋଇଛି। ପାର୍ଟି ପ୍ରତିଷ୍ଠାତା ଅଭିଜିତ ଦୀପକେ ସୋସିଆଲ ମିଡିଆ ଜରିଆରେ ସମସ୍ତ ନାଗରିକଙ୍କୁ, ଆଜି ଅପରାହ୍ନ ୫ଟାରେ ଜାତୀୟ ପତାକା ଧରି ସେଣ୍ଟ୍ରାଲ ପାର୍କରେ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟ ଏହି ପ୍ରତିବାଦ ଉପରେ ସିଧାସଳଖ ରୋକ ଲଗାଇବାକୁ ମନା କରିଦେଇଥିଲେ ମଧ୍ୟ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି।

କନକର୍ଟ ପ୍ଲେସ ଏକ ବ୍ୟସ୍ତବହୁଳ ବ୍ୟବସାୟିକ କେନ୍ଦ୍ର ହୋଇଥିବାରୁ ଏଠାରେ ଯେପରି ସାଧାରଣ ଜନତା କିମ୍ବା ବ୍ୟବସାୟୀମାନେ ପ୍ରଭାବିତ ନହୁଅନ୍ତି, ସେଥିପାଇଁ ପୋଲିସ ବିଶେଷ ସତର୍କତା ଅବଲମ୍ବନ କରିଛି। ଦିଲ୍ଲୀ ପୋଲିସ ସାଧାରଣ ଲୋକଙ୍କୁ ଏହି ସମାବେଶ ଠାରୁ ଦୂରେଇ ରହିବାକୁ ଏବଂ ସେହି ଅଞ୍ଚଳକୁ ନ ଯିବାକୁ ଅନୁରୋଧ କରିଛି।

ଭାରତରୁ 'ମୋଷ୍ଟ ୱାଣ୍ଟେଡ୍' ଠକ ମଞ୍ଜିତ ସିଂ ପ୍ରତ୍ୟାର୍ପଣ

ନୂଆଦିଲ୍ଲୀ/ୱାଶିଂଟନ,୧୭/୧୦ : ଭାରତ ଏବଂ ଆମେରିକା ମଧ୍ୟରେ ଥିବା ଆନ୍ତର୍ଜାତୀୟ ଅପରାଧିକ ସହଯୋଗ କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିଛି। ଆମେରିକା ସରକାରଙ୍କ ଆର୍ଥିକ ଯୋଜନାରେ ବଡ଼ ଧରଣର ଜାଲିଆତି କରି ବିଗତ କିଛି ବର୍ଷ ହେବ ଭାରତରେ ଆତ୍ମଗୋପନ କରିଥିବା 'ମୋଷ୍ଟ ୱାଣ୍ଟେଡ୍' ଭାରତୀୟ ବଂଶୋଦ୍ଭବ ଅପରାଧୀ ମଞ୍ଜିତ ସିଂ ବେଦୀଙ୍କୁ ଗତକାଲି ରାତିରେ ସଫଳତାର ସହ ଆମେରିକା ପ୍ରତ୍ୟାର୍ପଣ କରାଯାଇଛି। ଆମେରିକାର କେନ୍ଦ୍ରୀୟ ତଦନ୍ତ ସଂସ୍ଥା ଏଫବିଆଇ ଏବଂ ଭାରତର ସିବିଆଇର ମିଳିତ ସମନ୍ୱୟରେ ନୂଆଦିଲ୍ଲୀର ଆନ୍ତର୍ଜାତୀୟ ବିମାନ ବନ୍ଦରରେ ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ ଅଭିଯୁକ୍ତକୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆମେରିକା ପଠାଇ ଦିଆଯାଇଛି।



ଆମେରିକା ନ୍ୟାୟ ବିଭାଗର ସୂଚନା ଅନୁଯାୟୀ, କୋଭିଡ୍-୧୯ ମହାମାରୀ ସମୟରେ ଆମେରିକା ସରକାର ଛୋଟ ବ୍ୟବସାୟୀଙ୍କୁ ସାହାଯ୍ୟ କରିବା ପାଇଁ 'ପେ-ଚେକ୍ ପ୍ରୋଟେକ୍ସନ ପ୍ରୋଗ୍ରାମ' ଆରମ୍ଭ କରିଥିଲେ। ମଞ୍ଜିତ ସିଂ ବେଦୀ ଅନେକ ନକଲି କମ୍ପାନୀ ଏବଂ ଜାଲ୍ କାଗଜପତ୍ର ଜରିଆରେ ସରକାରଙ୍କ ଏହି ପାଣ୍ଠିରୁ ପ୍ରାୟ ୩ ମିଲିୟନ ଆମେରିକୀୟ ଡଲାର (ପ୍ରାୟ ୨୫ କୋଟି ଟଙ୍କା) ହଡ଼ପ କରିଥିଲେ। ଏହି ସ୍କାମ୍ ସାମ୍ନାକୁ ଆସିବା ଏବଂ ଆମେରିକା ପୋଲିସ ତାଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରିବା ପୂର୍ବରୁ ହିଁ ସେ ଗୁପ୍ତ ଭାବେ ଆମେରିକା ଛାଡ଼ି ଭାରତ ପଳାଇ ଆସିଥିଲେ ଏବଂ ନିଜର ପରିଚୟ ବଦଳାଇ ରହୁଥିଲେ। ଆମେରିକା ସରକାରଙ୍କ ଅନୁରୋଧ କ୍ରମେ ଆନ୍ତର୍ଜାତୀୟ ପୋଲିସ ସଂସ୍ଥା 'ଇଣ୍ଟରପୋଲ' ମଞ୍ଜିତଙ୍କ ବିରୋଧରେ 'ରେଡ୍ କର୍ଣ୍ଣର ନୋଟିସ' ଜାରି କରିଥିଲା। ଭାରତର ସିବିଆଇର ଆନ୍ତର୍ଜାତୀୟ ଅପରେସନ ୱିଙ୍ଗ୍ ଟେକ୍ନୋଲୋଜି ଏବଂ ଗୁପ୍ତଚର ସୂଚନା ଆଧାରରେ କିଛି ମାସ ପୂର୍ବେ ତାଙ୍କୁ ଦିଲ୍ଲୀର ଏକ ଆଭିଜାତ୍ୟ ଅଞ୍ଚଳରୁ ଗିରଫ କରିବାରେ ସଫଳ ହୋଇଥିଲା। ଏହା ପରେ ନୂଆଦିଲ୍ଲୀର ପଟିଆଲା ହାଉସ କୋର୍ଟରେ ତାଙ୍କର ପ୍ରତ୍ୟାର୍ପଣ ମାମଲାର ଶୁଣାଣି ଚାଲିଥିଲା। ଭାରତୀୟ କୋର୍ଟ ଏବଂ ବୈଦେଶିକ ମନ୍ତ୍ରାଳୟ ଆମେରିକା ପକ୍ଷରୁ ଦିଆଯାଇଥିବା ପ୍ରମାଣକୁ ଗ୍ରହଣ କରି ପ୍ରତ୍ୟାର୍ପଣ ପାଇଁ ସବୁଜ ସଙ୍କେତ ଦେଇଥିଲେ।

ଯେମେନ ରାଷ୍ଟ୍ରପତି ପ୍ରାସାଦ ଉପରେ ହୁଥି ବିଦ୍ରୋହୀଙ୍କ ଭୟାବହ ମିସାଇଲ ମାଡ଼, ୫ ସୁରକ୍ଷାକର୍ମୀ ମୃତ

ଆଡେନ/ନୂଆଦିଲ୍ଲୀ, ୧୭/୧୦ : ମଧ୍ୟପ୍ରାଚ୍ୟର ଅଶାନ୍ତ ଦେଶ ଯେମେନରୁ ଏକ ବଡ଼ ଏବଂ ସଂଘାତିକ ଖବର ସାମ୍ନାକୁ ଆସିଛି। ଯେମେନର ସାମୟିକ ରାଜଧାନୀ ଆଡେନ ସହରରେ ଅବସ୍ଥିତ 'ଅଲ୍-ମାଶିକ୍' ରାଷ୍ଟ୍ରପତି ପ୍ରାସାଦ ଉପରେ ଇରାନ ସମର୍ଥିତ ହୁଥି ବିଦ୍ରୋହୀମାନେ ଭୟାବହ ମିସାଇଲ ଆକ୍ରମଣ କରିଛନ୍ତି। ପ୍ରାସାଦର ମୁଖ୍ୟ ପ୍ରବେଶ ପଥ ଏବଂ ସୁରକ୍ଷା ବଙ୍କର ନିକଟରେ ଏହି ଶକ୍ତିଶାଳୀ ବାଲିଷ୍ଟିକ୍ ମିସାଇଲ୍ ମାଡ଼ ହୋଇଛି, ଯାହାଫଳରେ ସମଗ୍ର ଅଞ୍ଚଳ ଭୟଙ୍କର ବିସ୍ଫୋରଣରେ କମ୍ପି ଉଠିଥିଲା। ଏହି ଆକ୍ରମଣରେ ପ୍ରାସାଦ ସୁରକ୍ଷାରେ ମୁତୟନ ଥିବା ୫ ଜଣ ସୈନିକ ସ୍ଥାନୀୟ ସମୟ ଅନୁଯାୟୀ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୧୨ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି।

ସୂତ୍ର ଅନୁଯାୟୀ, ଆକ୍ରମଣ ସମୟରେ ଯେମେନର ପ୍ରଧାନମନ୍ତ୍ରୀ ଏବଂ ତାଙ୍କ କ୍ୟାବିନେଟ୍‌ର ଅନେକ ବଡ଼ ମନ୍ତ୍ରୀ ପ୍ରାସାଦ ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ସମୀକ୍ଷା ବୈଠକ କରୁଥିଲେ। ବିସ୍ଫୋରଣ ପରେ ତୁରନ୍ତ ସୁରକ୍ଷାକର୍ମୀମାନେ ସେମାନଙ୍କୁ ପ୍ରାସାଦର ଭୂତଳ ଗୁପ୍ତ ବଙ୍କରକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିଦେଇଥିଲେ। ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ସରକାରୀ ସ୍ତରରେ ସ୍ପଷ୍ଟ କରାଯାଇଛି। ସାଉଦି ଆରବ ନେତୃତ୍ୱାଧୀନ ସାମରିକ ମେଣ୍ଟର ବାୟୁସେନା ଏବଂ ଆଣ୍ଟି-ମିସାଇଲ୍ ସିଷ୍ଟମ୍ କେତେକ ଡ୍ରୋନ୍‌କୁ ଆକାଶରେ ଧ୍ୱଂସ କରିଦେଇଥିଲେ ମଧ୍ୟ ଗୋଟିଏ ମିସାଇଲ୍ ପ୍ରାସାଦ ପରିସରରେ ମାଡ଼ ହେବାରେ ସଫଳ ହୋଇଥିଲା। ଏହି ଭୟାବହ ଆକ୍ରମଣ ପରେ ହୁଥି ବିଦ୍ରୋହୀଙ୍କ ସାମରିକ ପ୍ରବକ୍ତା ସୋସିଆଲ ମିଡିଆରେ ଭିଡିଓ ଜାରି କରି ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛନ୍ତି। ସରକାର ସାଉଦି ଆରବ ସହ ମିଶି ସେମାନଙ୍କ ଉପରେ କରୁଥିବା ଆକ୍ରମଣର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏବଂ ଆଗକୁ ଏହା ଆହୁରି ତୀବ୍ର ହେବ ବୋଲି ହୁଥି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ, ମିଳିତ ଜାତିସଂଘ ଏବଂ ଆରବ ଲିଗ୍ ଏହି ଆକ୍ରମଣକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଗଣତାନ୍ତ୍ରିକ ସରକାରଙ୍କୁ ଦୁର୍ବଳ କରିବା ଏବଂ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିବା ପାଇଁ ଏହା ଏକ ଯୋଜନାବଦ୍ଧ ଆତଙ୍କବାଦୀ କାର୍ଯ୍ୟ ବୋଲି ଜାତିସଂଘର ପ୍ରତିନିଧି ପ୍ରକାଶ କରିଛନ୍ତି। ଯେମେନରେ ସ୍ଥିତି ଅତ୍ୟନ୍ତ ଜଟିଳ ହେବା ପରେ ଏବଂ ବିମାନ ବନ୍ଦରଗୁଡ଼ିକୁ ହୁଥିମାନେ ଟାର୍ଗେଟ୍ କରୁଥିବାରୁ, ଭାରତୀୟ ବୈଦେଶିକ ମନ୍ତ୍ରାଳୟ ଏହା ଉପରେ ତୀକ୍ଷଣ ନଜର ରଖିଛି। ଯେମେନ ଏବଂ ସାଉଦି ଆରବର ସୀମାନ୍ତ ଅଞ୍ଚଳରେ ରହୁଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ଘରୁ ବାହାରକୁ ନବାହାରିବା ପାଇଁ ବିଶେଷ ଆଡଭାଇଜରୀ ଜାରି କରାଯାଇଛି। ଜେଦ୍ଦାରେ ଥିବା ଭାରତୀୟ ଦୂତାବାସ ସେଠାରେ ଥିବା ପ୍ରବାସୀ ଭାରତୀୟଙ୍କ ସହ ଯୋଗାଯୋଗରେ ରହିଛି ଏବଂ କୌଣସି ଜରୁରୀକାଳୀନ ପରିସ୍ଥିତି ପାଇଁ ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି। ସାଉଦି ବାୟୁସେନା ବର୍ତ୍ତମାନ ହୁଥିଙ୍କ ଗଡ଼ କୁହାଯାଉଥିବା 'ସାନା' ସହର ଉପରେ ପ୍ରତିଶୋଧମୂଳକ ଏୟାରଷ୍ଟ୍ରାଇକ୍ ଆରମ୍ଭ କରିଥିବାରୁ ସମଗ୍ର ଅଞ୍ଚଳରେ ଯୁଦ୍ଧର କଳାବାଦଲ ଘୋଟି ଯାଇଛି।



- ଆଡେନ ସହରର 'ଅଲ୍-ମାଶିକ୍' ପ୍ରାସାଦକୁ ଟାର୍ଗେଟ୍ କଲେ ଆତଙ୍କବାଦୀ
- ଅଳ୍ପକେ ବର୍ତ୍ତିଲେ ପ୍ରଧାନମନ୍ତ୍ରୀ ଓ କ୍ୟାବିନେଟ୍ ମନ୍ତ୍ରୀ, ସମଗ୍ର ଅଞ୍ଚଳରେ ଯୁଦ୍ଧକାଳୀନ ପରିସ୍ଥିତି
- ଭାରତୀୟ ଦୂତାବାସ ପକ୍ଷରୁ 'ହାଇ-ଆଲର୍ଟ'

ସାଉଦି ଉଡ଼ାଣ ଉପରେ ଏୟାର ଇଣ୍ଡିଆର ବିମାନ ସେବା ବାତିଲ

- ତିନୋଟି ପ୍ରମୁଖ ସହରକୁ ବିମାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ
- ପ୍ରଭାବିତ ଯାତ୍ରୀଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରିବ ଏୟାରଲାଇନ୍ସ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭/୧୦ : ମଧ୍ୟପ୍ରାଚ୍ୟରେ ଦିନକୁ ଦିନ ସୁରକ୍ଷା ସ୍ଥିତି ବିଗିଡ଼ିବାରେ ଲାଗିଛି, ଯାହାର ସିଧାସଳଖ ପ୍ରଭାବ ଏବେ ବିମାନ ସେବା ଉପରେ ଦେଖିବାକୁ ମିଳିଛି। ଯେମେନର ହୁଥି ବିଦ୍ରୋହୀଙ୍କ ଦ୍ୱାରା ସାଉଦି ଆରବର ବେସାମରିକ ବିମାନ ବନ୍ଦର ଏବଂ ବିମାନ ଭିତ୍ତିଭୂମିକୁ ବାରମ୍ବାର ଟାର୍ଗେଟ୍ କରାଯିବା ପରେ ଭାରତର ପ୍ରମୁଖ ବିମାନ ସେବା ସଂସ୍ଥା ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ସାଉଦି ଆରବକୁ ଯାଉଥିବା ସମସ୍ତ ବିମାନ ଉଡ଼ାଣକୁ ଆସନ୍ତା ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବାତିଲ କରିଦେଇଛନ୍ତି। ପୂର୍ବରୁ ଏହି କଟକଣା ଅକ୍ଟୋବର ୧୭ ପର୍ଯ୍ୟନ୍ତ ଥିବା ବେଳେ ବର୍ତ୍ତମାନର ସ୍ଥିତିକୁ ସମୀକ୍ଷା କରି ଏହି ଅବଧିକୁ ଆହୁରି ବଢ଼ାଇ ଦିଆଯାଇଛି।

ଏୟାର ଇଣ୍ଡିଆ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ସାଉଦି ଆରବର ତିନୋଟି ବଡ଼ ସହର—ରିୟାଦ୍, ଦମ୍ମାମ ଏବଂ ଜେଦ୍ଦାକୁ ଯାଉଥିବା ଏବଂ ସେଠାରୁ ଭାରତ ଫେରୁଥିବା ସମସ୍ତ ବିମାନ ସେବା ସମ୍ପୂର୍ଣ୍ଣ ବନ୍ଦ ରହିବ। ସାଉଦି ଆରବର କିଙ୍ଗ ଖାଲିଦ୍ ଆନ୍ତର୍ଜାତୀୟ ବିମାନ ବନ୍ଦର ଉପରେ ହୋଇଥିବା ଡ୍ରୋନ୍ ଓ ମିସାଇଲ୍ ଆକ୍ରମଣରେ କିଛି ଭାରତୀୟ ନାଗରିକ ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ସୁରକ୍ଷା ଦୃଷ୍ଟିକୋଣରୁ ଏଭଳି ପଦକ୍ଷେପ ନିଆଯାଇଛି। ଯାତ୍ରୀ ଏବଂ ବିମାନ କ୍ରୁ ସଦସ୍ୟଙ୍କ ସୁରକ୍ଷା ସେମାନଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି ଏୟାରଲାଇନ୍ସ ସ୍ପଷ୍ଟ କରିଛି।

ଏହି ହଠାତ୍ ବିମାନ ବାତିଲ ଯୋଗୁଁ ଭାରତ ଓ ସାଉଦି ଆରବ ମଧ୍ୟରେ ଯାତ୍ରା କରୁଥିବା ହଜାର ହଜାର ପ୍ରବାସୀ ଭାରତୀୟ, ବ୍ୟବସାୟୀ ଏବଂ ପର୍ଯ୍ୟଟକମାନେ ଘୋର ସମସ୍ୟାର ସ

"ଜୀବନ ପଥରେ ଚାଲିବା ଶିଖିଲେ, ମିଳଇ ସଫଳ ସୁଖ,
ପର ଉପକାରେ ନିଜକୁ ବାନ୍ଧିଲେ, ଦୂରେଇ ଯାଏ ସେ ଦୁଃଖ
ଅହଂକାର ତେଜି ନମ୍ରତା ଆଣିଲେ, ମଣିଷ ହୁଅଇ ମହାନ,
ସତ୍ୟ ପଥେ ରହି କର୍ମ କରିଗଲେ, ଜଗତେ ମିଳଇ ସ୍ଥାନ"

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ସମ୍ପାଦକୀୟ...

ଶାରଦୀୟ ଆବାହନ ଓ ବିବେକର ଜାଗରଣ

ସଂସ୍କୃତି ଓ ପରମ୍ପରାର ମହାନ ପର୍ବ ଶାରଦୀୟ ଦୁର୍ଗୋତ୍ସବ ବା ଦଶହରା ଆଜି ସମଗ୍ର ଭାରତବର୍ଷ ସମେତ ବିଶ୍ୱର କୋଣ ଅନୁକୋଣରେ ପ୍ରେମ, ଆନନ୍ଦ ଓ ଆଧ୍ୟାତ୍ମିକତାର ଏକ ଅପୂର୍ବ ଶିହରଣ ସୃଷ୍ଟି କରିଛି । ଆଶ୍ୱିନ ମାସର ଶୁକ୍ଳପକ୍ଷ ପ୍ରତିପଦଠାରୁ ଆରମ୍ଭ ହୋଇଥିବା ମାତୃଶକ୍ତିର ଏହି ଆରାଧନା ବିଜୟା ଦଶମୀରେ ପହଞ୍ଚି ଏକ ମହାନ ସାମାଜିକ ଓ ସାଂସ୍କୃତିକ ଗଣପର୍ବର ରୂପ ନେଇଥାଏ । ଓଡ଼ିଶାର ପୁରପଲ୍ଲୀଠାରୁ ଆରମ୍ଭ କରି କଟକ-ଭୁବନେଶ୍ୱର ପରି ମହାନଗରୀ ପର୍ଯ୍ୟନ୍ତ ସବୁଠି ଆଜି ମା' ଜଗତଜନନୀଙ୍କ ଆଗମନରେ ଉତ୍ସବମୁଖର ପରିବେଶ । ମନ୍ତ୍ରଧ୍ୱନି, ଶଙ୍ଖନାଦ, ଆଲୋକର ଝଲକ ଏବଂ ଧୂପ-ଦୀପର ସୁବାସରେ ବାୟୁମଣ୍ଡଳ ପବିତ୍ର ଓ ଆହ୍ଲାଦିତ ହୋଇଉଠିଛି । କିନ୍ତୁ ଏହି ଆଧ୍ୟାତ୍ମିକ ଭାସ୍କର୍ଯ୍ୟ ଏବଂ ଆଡ଼ମ୍ବରପୂର୍ଣ୍ଣ ପୂଜାବିଧି ପଛରେ ଲୁଚି ରହିଥିବା ସାମାଜିକ ଓ ମାନବୀୟ ସନ୍ଦେଶକୁ ବୁଝିବା ଏବଂ ତାହାକୁ ଆଜିର ସମାଜରେ ପ୍ରୟୋଗ କରିବା ହିଁ ଚଳିତ ବର୍ଷର ସମ୍ପାଦକୀୟ ଚିନ୍ତନ ।

ଦଶହରା କେବଳ ଏକ ଧାର୍ମିକ ରୀତିନୀତି କିମ୍ବା ଉତ୍ସବ ମନାଇବାର ମାଧ୍ୟମ ନୁହେଁ; ଏହା ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ଧାର ଉପରେ ଆଲୋକର ଏବଂ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ । ପୌରାଣିକ ମାନ୍ୟତା ଅନୁଯାୟୀ, ଦେବତା ଓ ମାନବ ସମାଜକୁ ମହିଷାସୁରର ଅତ୍ୟାଚାରରୁ ମୁକ୍ତି ଦେବା ପାଇଁ ମା' ଦୁର୍ଗା ଦଶଭୁଜା ରୂପ ଧାରଣ କରି ସୃଷ୍ଟିର ସମସ୍ତ ଶକ୍ତିକୁ ଏକଜୁଟ କରିଥିଲେ ଏବଂ ଦୀର୍ଘ ନଅ ଦିନର ସଂଗ୍ରାମ ପରେ ଦଶମୀ ତିଥିରେ ମହିଷାସୁରର ବଧ କରିଥିଲେ । ସେହିପରି ଏହି ପବିତ୍ର ଦଶମୀ ତିଥିରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଅତ୍ୟାଚାରୀ ରାବଣର ନିଧନ କରି ସୀତାଙ୍କୁ ଉଦ୍ଧାର କରିବା ସହ ଲଙ୍କାରେ ଧର୍ମର ପତାକା ଉଡ଼ାଇଥିଲେ । ତେଣୁ ଏହି ଦିନଟିକୁ 'ବିଜୟା ଦଶମୀ' ଭାବେ ପାଳନ କରାଯାଏ, ଯାହା ପ୍ରତିଟି ମଣିଷକୁ ଏହି ବାର୍ତ୍ତା ଦିଏ ଯେ, ପାପ ଓ ଅଧର୍ମ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ପରିଶେଷରେ ସତ୍ୟ ଓ ନ୍ୟାୟର ହିଁ ବିଜୟ ହୋଇଥାଏ । ଆଜିର ୨୧ଶ ଶତାବ୍ଦୀର ଆଧୁନିକ ଓ ବୈଜ୍ଞାନିକ ସମାଜରେ ମହିଷାସୁର କିମ୍ବା ରାବଣ ଭଳି କୌଣସି ଦୃଶ୍ୟମାନ ରାକ୍ଷସ ନାହାନ୍ତି । କିନ୍ତୁ ସାମ୍ପ୍ରତିକ ସମାଜକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଅସୁର ଶକ୍ତି ଆଜି ମଣିଷର ଚିନ୍ତାଧାରା ଓ ବିବେକ ମଧ୍ୟରେ ଅତି ଚତୁରତାର ସହ ଆତ୍ମଗୋପନ କରିଛି । ଆଜିର ସମାଜରେ ମହିଷାସୁର ବା ରାବଣ ହେଉଛି ଆମ ଭିତରେ ଥିବା କ୍ରୋଧ, ଲୋଭ, ଈର୍ଷା, ଅହଂକାର, ଦୁର୍ନୀତି ଏବଂ ପରଶ୍ରୀକାତରତା । ସମାଜରେ ବଢ଼ି ଚାଲିଥିବା ଅପରାଧ, ନାରୀ ନିର୍ଯ୍ୟାତନା, ସ୍ୱାର୍ଥପରତା ଏବଂ ମାନବୀୟ ମୂଲ୍ୟବୋଧର ଅବକ୍ଷୟ ହିଁ ସେହି ଆସୁରିକ ପ୍ରବୃତ୍ତିର ପ୍ରତିଫଳନ । ତେଣୁ କେବଳ ମୃଣ୍ମୟୀ ମୂର୍ତ୍ତିଙ୍କୁ ପୂଜା କରିବା କିମ୍ବା ପଡ଼ିଆରେ କାଗଜର ରାବଣ ପୋଡ଼ି ଦେଖି ଆନନ୍ଦିତ ହେଲେ ଦଶହରାର ପ୍ରକୃତ ଉଦ୍ଦେଶ୍ୟ ସଫଳ ହେବନାହିଁ । ପ୍ରକୃତ ବିଜୟା ଦଶମୀ ସେତେବେଳେ ସାର୍ଥକ ହେବ, ଯେତେବେଳେ ପ୍ରତିଟି ମଣିଷ ନିଜ ଭିତରେ ଥିବା ଆସୁରିକ ଭାବନାକୁ ଦହନ କରି ଚିନ୍ତାଧାରାରେ ସକାରାତ୍ମକ ପରିବର୍ତ୍ତନ ଆଣିବ ।

ଦଶହରାର ସାମ୍ପ୍ରତିକ ପ୍ରାସଙ୍ଗିକତା

ଦଶହରା ପର୍ବର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମାତୃଶକ୍ତିର ଆରାଧନା ଓ ସମ୍ମାନ । ମା' ଦୁର୍ଗା ହେଉଛନ୍ତି ଶକ୍ତି, କରୁଣା ଏବଂ ପ୍ରଜ୍ଞାର ପ୍ରତୀକ । ସମଗ୍ର ସୃଷ୍ଟି ଯେତେବେଳେ ସଙ୍କଟରେ ଥିଲା, ସେତେବେଳେ ଜଣେ ନାରୀ ହିଁ ସମସ୍ତ ଦେବତାଙ୍କ ଅସ୍ତ୍ରରେ ସଜ୍ଜିତ ହୋଇ ସଂସାରର ରକ୍ଷା କରିଥିଲେ । ଏହା ଦର୍ଶାଉଛି ଯେ ଭାରତୀୟ ସଂସ୍କୃତିରେ ନାରୀ ସବଳା, ଶକ୍ତିଶାଳୀ ଏବଂ ପୂଜନୀୟା । କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଯେଉଁ ସମାଜରେ ଦେବୀ ମୂର୍ତ୍ତିଙ୍କୁ ଦିନରାତି ପ୍ରାର୍ଥନା କରାଯାଉଛି, ସେହି ସମାଜରେ ପ୍ରତିଦିନ କନ୍ୟାଭ୍ରୂଣ ହତ୍ୟା, ନାରୀ ନିର୍ଯ୍ୟାତନା ଏବଂ ଘରୋଇ ହିଂସା ଭଳି ଖବର ସାମ୍ନାକୁ ଆସୁଛି । ଏହି ଦଶହରା ଅବସରରେ ଆମକୁ ସଂକଳ୍ପ ନେବାକୁ ହେବ ଯେ, କେବଳ ପାଠରେ ନୁହେଁ, ବରଂ ବାସ୍ତବ ଜୀବନରେ ଆମ ଚାରିପାଖରେ ଥିବା ନାରୀ ସମାଜକୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କରିବା । ଜଣେ ସୁସ୍ଥ ଓ ସୁରକ୍ଷିତ ନାରୀ ହିଁ ଏକ ଆଦର୍ଶ ସମାଜର ମୂଳଦୁଆ ପକାଇପାରିବ । ଏହା ସହିତ ଦଶହରା ହେଉଛି ସାମାଜିକ ସଦ୍ଭାବନା, ଭାଇଚାରା ଏବଂ ସମନ୍ୱୟର ଏକ ଅନନ୍ୟ ମାଧ୍ୟମ । ଏହି ପର୍ବ ଧନୀ-ଦରିଦ୍ର, ଜାତି-ଧର୍ମର ପ୍ରାଚୀରକୁ ଭାଙ୍ଗି ସମସ୍ତଙ୍କୁ ଏକାଠି କରିଥାଏ । ପୂଜା ମଣ୍ଡପଗୁଡ଼ିକରେ ହେଉଥିବା ଭିଡ଼, ବନ୍ଧୁମିଳନ ଏବଂ ପରସ୍ପରକୁ ମିଠା ବାଣ୍ଟି ଶୁଭେଚ୍ଛା ଜଣାଇବାର ପରମ୍ପରା ମାନବୀୟ ସମ୍ପର୍କକୁ ଆହୁରି ନିବିଡ଼ କରିଥାଏ । ବିଜୟା ଦଶମୀର ଅନ୍ୟ ଏକ ପରମ୍ପରା ହେଉଛି ଅପରାହ୍ନରେ ବଡ଼ମାନଙ୍କ ପାଦ ଛୁଇଁ ଆଶୀର୍ବାଦ ନେବା ଏବଂ ସାନମାନଙ୍କୁ ସ୍ନେହ ପ୍ରଦାନ କରିବା, ଯାହା ପରିବାର ଓ ସମାଜରେ ଶୃଙ୍ଖଳା ରକ୍ଷା କରିବାରେ ସାହାଯ୍ୟ କରେ । ବିଶେଷକରି ଓଡ଼ିଶାରେ କଟକର ଚାନ୍ଦି ମେଢ଼ଠାରୁ ଆରମ୍ଭ କରି ଜୟପୁରର ଦଶହରା ଏବଂ ପୁରୀର ଗୋସାଣୀ ଯାତ୍ରା ପର୍ଯ୍ୟନ୍ତ ସବୁଠି ଏହି ଗଣତାନ୍ତ୍ରିକ ଓ ଗଣସଂସ୍କୃତିର ସୌନ୍ଦର୍ଯ୍ୟ ପ୍ରତିଫଳିତ ହୁଏ । ତେବେ ବର୍ତ୍ତମାନ ସମୟରେ ଉତ୍ସବ ପାଳନର ଶୈଳୀରେ କିଛିଟା ବିକୃତି ପରିଲକ୍ଷିତ ହେଉଛି, ଯାହା ଚିନ୍ତାର ବିଷୟ । ପୂଜା ପାର୍ବଣ ନାଁରେ ମଦ୍ୟପାନ, ବେପରୁଆ ଗାଡ଼ି ଚାଳନା, ଉଚ୍ଚ ଶବ୍ଦର ଡିଜେ ସଙ୍ଗୀତ ଏବଂ ଆଡ଼ମ୍ବରର ପ୍ରତିଯୋଗିତା ପର୍ବର ପବିତ୍ରତାକୁ ନଷ୍ଟ କରୁଛି । ମୂର୍ତ୍ତି ଗଠନରେ ରାସାୟନିକ ରଙ୍ଗର ବ୍ୟବହାର ଏବଂ ପରବର୍ତ୍ତୀ ସମୟରେ ନଦୀରେ ବିସର୍ଜନ ଜଳ ପ୍ରଦୂଷଣର ଏକ ବଡ଼ କାରଣ ସାଜୁଛି । ତେଣୁ ଆମକୁ ଶାସ୍ତ୍ରୀୟ ଓ ପରିବେଶ ଅନୁକୂଳ ଭାବେ ପର୍ବ ପାଳନ କରିବାକୁ ହେବ, ଯାହା ଦ୍ୱାରା ଆମ ସଂସ୍କୃତି ସହ ପ୍ରକୃତି ମଧ୍ୟ ସୁରକ୍ଷିତ ରହିବ । ପରିଶେଷରେ, ଦଶହରା ଆମକୁ ନୂତନ ଆଶା, ଉତ୍ସାହ ଏବଂ ସଦ୍‌ବୁଦ୍ଧିର ପଥ ଦେଖାଏ । ବିଜୟା ଦଶମୀର ଏହି ପବିତ୍ର ଅବସରରେ ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସମାଜରେ ଥିବା ଅନ୍ଧବିଶ୍ୱାସ, ଅଶିକ୍ଷା, ଦାରିଦ୍ର୍ୟ ଏବଂ ଭେଦଭାବ ଭଳି ଆଧୁନିକ ମହିଷାସୁରମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଶପଥ ନେବା ।

ଓଡ଼ିଶା ବଦଳରେ ପୁଣି 'ଉତ୍କଳ' କାହିଁକି ନୁହେଁ ?

ସାମାଜିକ ଅନ୍ୱେଷଣ

ସରକାରଙ୍କ ପାଇଁ, ଜନସାଧାରଣଙ୍କ ପାଇଁ ଏବଂ ଆମ ଆଗାମୀ ପିଢ଼ି ପାଇଁ ଏକ ପ୍ରଶ୍ନ । ମୋର ଜନ୍ମ ଜାନୁଆରୀ ୧୯୬୮ ରେ । ମୋ ଜନ୍ମ ପରଠାରୁ ଦୀର୍ଘ ୪୩ ବର୍ଷ ଧରି ମୋ ରାଜ୍ୟର ଇଂରାଜୀ ନାମ ORISSA ଏବଂ ଓଡ଼ିଆ ନାମ ଓଡ଼ିଶା ଭାବେ ଚଳି ଆସୁଥିଲା । ୨୦୧୧ରେ ସଂସଦର Orissa (Alteration of Name) Act, 2011 ମାଧ୍ୟମରେ ରାଜ୍ୟର ଇଂରାଜୀ ନାମ Orissa ରୁ Odisha କରାଗଲା । ଏହି ଆଇନ ୧ ନଭେମ୍ବର ୨୦୧୧ରୁ କାର୍ଯ୍ୟକାରୀ ହେଲା । କିନ୍ତୁ ଆଜି ମୋ ମନରେ ଏକ ନୂଆ ପ୍ରଶ୍ନ ଉଠୁଛି - ଆମ ରାଜ୍ୟର ନାମ 'ଉତ୍କଳ' ହେବା ଉଚିତ ନୁହେଁ କି ? ଏହା କୌଣସି ରାଜନୈତିକ ଦଳ ବିରୋଧର ପ୍ରଶ୍ନ ନୁହେଁ । ଏହା କୌଣସି ବ୍ୟକ୍ତି ବିରୋଧର ପ୍ରଶ୍ନ ନୁହେଁ । ଏହା ହେଉଛି ଆମର ଇତିହାସ, ଆମର ସାହିତ୍ୟ, ଆମର ସଂସ୍କୃତି ଏବଂ ଆମର ପରିଚୟ ସମ୍ପର୍କରେ ଏକ ସାମାଜିକ ପ୍ରଶ୍ନ । ଉତ୍କଳ - ଏକ ନୂଆ ନାମ ନୁହେଁ 'ଉତ୍କଳ' କେବଳ ଆଧୁନିକ କାଳରେ ଉଦ୍ଭାବିତ ହୋଇଥିବା ଏକ ଶବ୍ଦ ନୁହେଁ । ପ୍ରାଚୀନ ଭାରତୀୟ ସାହିତ୍ୟ, ମହାକାବ୍ୟ, ପୁରାଣ ଓ ସଂସ୍କୃତ ସାହିତ୍ୟରେ ଉତ୍କଳ ନାମର ବିଭିନ୍ନ ଉଲ୍ଲେଖ ମିଳେ ।

ମହାଭାରତରେ ଉତ୍କଳ ଜନପଦ/ଲୋକଙ୍କ ଉଲ୍ଲେଖ ମିଳେ । କାଳିଦାସଙ୍କ ରଘୁବଂଶରେ ଅତ୍ୟନ୍ତ ସ୍ପଷ୍ଟ ଭାବରେ 'ଉତ୍କଳାଦର୍ଶିତପଥଃ କଳିଙ୍ଗାଭିମୁଖୋ ଜଯୋଃ' ଅର୍ଥାତ୍ ଉତ୍କଳର ରାଜାମାନେ ଦେଖାଇଥିବା ପଥ ଦେଇ ରଘୁ କଳିଙ୍ଗ ଦିଗକୁ ଗଲେ । ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା - ଉତ୍କଳ ଓ କଳିଙ୍ଗ ଦୁଇଟି ନାମ ଏକାସାଙ୍ଗରେ ଆସୁଛି । ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ 'ଉତ୍କଳ' ଏକ ପବିତ୍ର ଦେଶ ଭାବରେ ବର୍ଣ୍ଣିତ ହୋଇଛି । ପୁରୁଷୋତ୍ତମ କ୍ଷେତ୍ର, ନୀଳାଚଳ ଓ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ସହ ଏହି ପରମ୍ପରାର ଗଭୀର ସମ୍ପର୍କ ରହିଛି । ପଦ୍ମ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ବାୟୁ ପୁରାଣ, ମତ୍ସ୍ୟ ପୁରାଣ, ଭାଗବତ ପୁରାଣ ଓ ଅନ୍ୟାନ୍ୟ ସଂସ୍କୃତ ସାହିତ୍ୟରେ ମଧ୍ୟ 'ଉତ୍କଳ' ନାମର ବିଭିନ୍ନ ସନ୍ଦର୍ଭ ମିଳେ । ଏ ସମ୍ବନ୍ଧରେ ମୁଁ ଡକ୍ଟର ସୁନୀଲ କୁମାର ନନ୍ଦ (୧୪ ବର୍ଷ ବୈଦିକ ବିদ୍ୟା ଅଧ୍ୟୟନ)ଙ୍କ ସହିତ ଦୀର୍ଘ ଆଲୋଚନା କଲାପରେ ଜାଣିଲି । ଅର୍ଥାତ୍ 'ଉତ୍କଳ' ଆମର ଇତିହାସର ଏକ ଦୀର୍ଘ ସ୍ମୃତି ।



ବିଦ୍ୟାଧର ନାୟକ
ପୂର୍ବତନ ବରିଷ୍ଠ ନୌସୈନିକ
ଦୂରଭାଷ- ୯୬୫୮୮୫୯୪୭୪

ଉତ୍କଳ କେବଳ ଗ୍ରନ୍ଥରେ ନୁହେଁ - ଭାରତର ଜାତୀୟ ସଙ୍ଗୀତରେ ମଧ୍ୟ । ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଭାରତର ଜାତୀୟ ସଙ୍ଗୀତ 'ଜନ ଗଣ ମନ'ରେ ଲେଖିଛନ୍ତି - 'ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା ଦ୍ରାବିଡ଼ ଉତ୍କଳ ବଙ୍ଗ" ଭାରତର ଜାତୀୟ ସଙ୍ଗୀତରେ ଆଜି ମଧ୍ୟ 'ଉତ୍କଳ' ନାମ ଗର୍ବର ସହିତ ଉଚ୍ଚାରିତ ହେଉଛି । ଏହା କ'ଣ ଆମ ପାଇଁ ଚିନ୍ତା କରିବାର ବିଷୟ ନୁହେଁ ? ଦେଶର ଜାତୀୟ ସଙ୍ଗୀତରେ ଆମେ 'ଉତ୍କଳ', କିନ୍ତୁ ଦେଶର ସରକାରୀ ନଥିରେ "Odisha" - ଏହି ଦୁଇ ନାମର ମଧ୍ୟରେ ଆମର ଐତିହାସିକ ପରିଚୟ କେଉଁଠି ?

ଉତ୍କଳମଣି ଗୋପବନ୍ଧୁଙ୍କ ଉତ୍କଳ - ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ 'ବନ୍ଦୀର ଆତ୍ମକଥା'ରେ ଲେଖିଛନ୍ତି - 'ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ, ଉତ୍କଳର ନେତା ନିଜେ ନାରାୟଣ ।' ଗୋପବନ୍ଧୁଙ୍କ ପାଇଁ 'ଉତ୍କଳ' କେବଳ ଏକ ଭୂଖଣ୍ଡ ନୁହେଁ । ଏହା ଥିଲା ତାଙ୍କର ଭାବନା, ତାଙ୍କର ମାଟି, ତାଙ୍କର ଜାତି ଓ ତାଙ୍କର ସ୍ୱପ୍ନ । ତେବେ ପ୍ରଶ୍ନ ଉଠେ - ଯେଉଁ ନାମକୁ ଗୋପବନ୍ଧୁ ଭଳି ମହାନ ଓଡ଼ିଆ ଚିନ୍ତକ ଏତେ ଗଭୀର ଅର୍ଥରେ ବ୍ୟବହାର କରିଥିଲେ, ସେହି 'ଉତ୍କଳ' ନାମକୁ ଆମେ ଆଜି ଆମର ଆଧିକାରିକ ରାଜ୍ୟ ନାମ ଭାବେ ପୁନର୍ବିଚାର କରିପାରିବା ନାହିଁ କି ?

୧୯୩୬ - ଆମର ଐତିହାସିକ ବିଜୟ । ୧ ଏପ୍ରିଲ ୧୯୩୬ ଓଡ଼ିଆ ଜାତିର ଇତିହାସରେ ଏକ ସ୍ୱର୍ଣ୍ଣିମ ଦିନ । ଭାଷାକୁ ଆଧାର କରି ଏକ ପୃଥକ ପ୍ରଦେଶ ଗଠନର ଦୀର୍ଘ ସଂଗ୍ରାମ ପରେ Odisha/Orissa ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହେଲା । ସରକାରୀ ଐତିହାସିକ ଦଲିଲଗୁଡ଼ିକ ମଧ୍ୟ ୧ ଏପ୍ରିଲ ୧୯୩୬ର ଏହି ଗଠନକୁ ଭାଷାଭିତ୍ତିକ ପୃଥକ ପ୍ରଦେଶ ଗଠନର ଏକ ଐତିହାସିକ ଘଟଣା ଭାବେ ଦର୍ଶାଉଛି । କିନ୍ତୁ ସେହି ସମୟର ଆଧିକାରିକ ନାମ Orissa ଥିଲା । ପରେ 'ଉତ୍କଳ' ଆଜି ମଧ୍ୟ ଆମର ଜୀବନ୍ତ ପରିଚୟ । 'ଉତ୍କଳ' କେବଳ ପ୍ରାଚୀନ ଶାସ୍ତ୍ର, ପୁରାଣ, ମହାକାବ୍ୟ କିମ୍ବା ସାହିତ୍ୟର ପୃଷ୍ଠାରେ ସୀମିତ ନୁହେଁ । ଏହି ନାମ ଆଜି ମଧ୍ୟ ଆମ ଓଡ଼ିଆ ଜାତିର ହୃଦୟରେ ସଜୀବ ଓ ସ୍ପନ୍ଦିତ ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅମର ସୃଷ୍ଟି 'ବନ୍ଦେ ଉତ୍କଳ ଜନନୀ' ଆଜି ଓଡ଼ିଶାର ରାଜ୍ୟ ସଙ୍ଗୀତ ଭାବେ ମାନ୍ୟତାପ୍ରାପ୍ତ । ସରକାରୀ ଓ ବେସରକାରୀ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ସାର୍ବଜନୀନ କାର୍ଯ୍ୟକ୍ରମର ଆରମ୍ଭରେ ଏହା ସମୂହ ଭାବେ ଗାନ କରାଯାଉଛି । ଭାବିବାର ବିଷୟ ଆମର ରାଜ୍ୟ ସଙ୍ଗୀତର ନାମ 'ବନ୍ଦେ ଉତ୍କଳ ଜନନୀ', ଆମର ଜାତୀୟ ସଙ୍ଗୀତରେ 'ଦ୍ରାବିଡ଼ ଉତ୍କଳ ବଙ୍ଗ', ଆମର ମହାନ ସାହିତ୍ୟିକ ଗୋପବନ୍ଧୁଙ୍କ କବିତାରେ 'ଉତ୍କଳ', ଆମର ପ୍ରାଚୀନ ଶାସ୍ତ୍ର, ପୁରାଣ ଓ ମହାକାବ୍ୟରେ 'ଉତ୍କଳ' । ତେବେ ଆମର ଆଧିକାରିକ ରାଜ୍ୟ ନାମରେ 'ଉତ୍କଳ' କାହିଁକି ନୁହେଁ ? ଏହି ପ୍ରଶ୍ନ କୌଣସି ନାମ ପ୍ରତି ଅସମ୍ମାନ ନୁହେଁ । ଏହା ହେଉଛି ନିଜର ଐତିହାସିକ ଓ ସାଂସ୍କୃତିକ ପରିଚୟକୁ ନେଇ ଏକ ଗମ୍ଭୀର ସାମାଜିକ ଅନ୍ୱେଷଣ ।

୨୦୧୧ରେ Orissa ନାମ Odisha ହେଲା । ତେଣୁ ଆଜି ଆମ ସମ୍ମୁଖରେ ଆଉ ଏକ ପ୍ରଶ୍ନ ରଖିବାର ସମୟ ଆସିଛି - ଆମେ କ'ଣ ଆଉ ଥରେ ଆମ ରାଜ୍ୟର ନାମ ବିଷୟରେ ଚିନ୍ତା କରିପାରିବା ନାହିଁ ?

କେରଳରୁ ଆମେ କ'ଣ ଶିଖିବା ? ୨୦୨୬ରେ କେରଳର ନାମ Kerala ପରିବର୍ତ୍ତେ Keralam କରିବା ପ୍ରସ୍ତାବକୁ Union Cabinet ଅନୁମୋଦନ କରିଛି । ଏହା Kerala Legislative Assembly ପ୍ରସ୍ତାବ ଆଧାରିତ ଏବଂ ଏହା ପାଇଁ ସାମ୍ବିଧାନିକ ପ୍ରକ୍ରିୟା ଚାଲିଛି । ଏଠାରେ ଆମର ପ୍ରଶ୍ନ କେରଳ ବିରୋଧରେ ନୁହେଁ । ବରଂ ଯଦି ଗୋଟିଏ ରାଜ୍ୟ ନିଜର ଭାଷା ଓ ସାଂସ୍କୃତିକ ପରିଚୟସହିତ ଅଧିକ ସମ୍ମାନିତ ନାମ ପାଇଁ ପଦକ୍ଷେପ ନେଇପାରେ, ତେବେ ଆମେ ଓଡ଼ିଆମାନେ ଆମର ପ୍ରାଚୀନ ଐତିହାସିକ ନାମ 'ଉତ୍କଳ' ବିଷୟରେ ଚର୍ଚ୍ଚା ଆରମ୍ଭ କରିପାରିବା ନାହିଁକି ?

ଏହା ରାଜନୀତି ନୁହେଁ - ଏହା ଏକ ପ୍ରଶ୍ନ । ମୁଁ ଏହା କହୁନାହିଁ ଯେ, ସରକାର ତୁରନ୍ତ ନାମ ପରିବର୍ତ୍ତନ କରିଦିଅନ୍ତୁ । ମୁଁ କହୁଛି - ଆସନ୍ତୁ, ପ୍ରଥମେ ଆଲୋଚନା କରିବା । ଇତିହାସ ବିଦ୍ୱାନମାନେ ଆଲୋଚନା କରନ୍ତୁ । ସଂସ୍କୃତ ପଣ୍ଡିତମାନେ ଆଲୋଚନା କରନ୍ତୁ । ଓଡ଼ିଆ ସାହିତ୍ୟିକମାନେ ଆଲୋଚନା କରନ୍ତୁ । ବିଶ୍ୱବିଦ୍ୟାଳୟଗୁଡ଼ିକ ଗବେଷଣା କରନ୍ତୁ । ସାମ୍ବାଦିକମାନେ ଚର୍ଚ୍ଚା କରନ୍ତୁ । ସାମାଜିକ ସଂଗଠନଗୁଡ଼ିକ ମତ ଦିଅନ୍ତୁ । ଏବଂ ସର୍ବୋପରି ଓଡ଼ିଶାର ସାଧାରଣ ଲୋକ ନିଜର ମତ ଦିଅନ୍ତୁ ।

ମୋର ପ୍ରଶ୍ନ - ଯଦି 'ଉତ୍କଳ' ଆମର ପ୍ରାଚୀନ ଐତିହାସିକ ପରିଚୟ, ଯଦି 'ଉତ୍କଳ' ଆମର ପୁରାଣ ଓ ଶାସ୍ତ୍ରରେ ମିଳେ, ଯଦି 'ଉତ୍କଳ' ମହାକାବ୍ୟ ଓ ସଂସ୍କୃତ ସାହିତ୍ୟରେ ମିଳେ, ଯଦି 'ଉତ୍କଳ' ଆମର ମହାନ ସାହିତ୍ୟିକ ଗୋପବନ୍ଧୁଙ୍କ ହୃଦୟର ନାମ, ଯଦି 'ଉତ୍କଳ' ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ରଚିତ ଭାରତର ଜାତୀୟ ସଙ୍ଗୀତରେ ଆଜି ମଧ୍ୟ ଅମର, ତେବେ - ଆମ ରାଜ୍ୟର ଆଧିକାରିକ ନାମ 'ଉତ୍କଳ' ହେବାର ସମ୍ଭାବନାକୁ ଆମେ କାହିଁକି ଗମ୍ଭୀରତାର ସହିତ ବିଚାର କରିବୁ ନାହିଁ ? ଏହି ପ୍ରଶ୍ନର ଉତ୍ତର ମୁଁ ଦେବାକୁ ଚାହୁଁନାହିଁ । ଏହି ପ୍ରଶ୍ନର ଉତ୍ତର ଓଡ଼ିଶାର ଜନସାଧାରଣ ଦିଅନ୍ତୁ ଏବଂ ଯଦି ଜନମତ ଏହାକୁ ସମର୍ଥନ କରେ, ତେବେ ରାଜ୍ୟ ସରକାର ବିଷୟଟିକୁ ଗମ୍ଭୀରତାର ସହିତ ଅଧ୍ୟୟନ କରି, ସର୍ବଦଳୀୟ ଆଲୋଚନା, ବିଶେଷଜ୍ଞ କମିଟି ଏବଂ ଆବଶ୍ୟକ ସାମ୍ବିଧାନିକ ପ୍ରକ୍ରିୟା ମାଧ୍ୟମରେ କେନ୍ଦ୍ର ସରକାରଙ୍କ ସମ୍ମୁଖରେ ରଖିପାରନ୍ତି ।

ଏହା ହେଉଛି ମୋର ଆଜିର 'ସାମାଜିକ ଅନ୍ୱେଷଣ' ।

ସଂସାର ରଥ



ଜୟନ୍ତୀ ସ୍ୱାଇଁ
ବରାଙ୍ଗ, ଅସ୍ତରଙ୍ଗ, ପୁରୀ

ବିବାହ କେବଳ ଦୁଇଟି ମଣିଷର ମିଳନ ନୁହେଁ, ଦୁଇଟି ଭିନ୍ନ ମନ, ଭିନ୍ନ ପରିବାର ଓ ଭିନ୍ନ ସଂସ୍କାରର ମିଳନ । ପ୍ରଥମ ଦିନରୁ ସବୁ ସମ୍ପୂର୍ଣ୍ଣ ହୋଇଯାଏ ନାହିଁ । ଧୀରେ ଧୀରେ ଗୋଟେ ଘର ତିଆରି ହୁଏ । ନୂଆ ବୋହୂଟି ଯେତେବେଳେ ଶାଶୂଘରେ ପାଦ ଥାପେ, ତା ମନରେ ଅନେକ ଡର, ଅନେକ ଆଶା, ଆଶଙ୍କା ଥାଏ । ସେ ଚାହେଁ ସମସ୍ତେ ତାକୁ ଆପଣାର ଭାବନ୍ତୁ । ସେହି ସମୟରେ ସ୍ୱାମୀର ଗୋଟେ ମିଠା କଥା, ଗୋଟେ ଛୋଟ ସାହାଯ୍ୟ ତାକୁ ବହୁତ ବଡ଼ ଭରସା ଦିଏ । ଶାଶୂ ଘରର ନିୟମ, ରୋଷେଇର ସ୍ୱାଦ, କଥା କହିବାର ଢଙ୍ଗ ସବୁ ନୂଆ ଲାଗେ । ସେଥିପାଇଁ ସମୟ ଦରକାର ।

ବୁଝାମଣା ଅର୍ଥ ପରସ୍ପରକୁ ବୁଝିବା । ସ୍ତ୍ରୀ ଯଦି ଚୁପ୍ ଅଛି, ତା ଚୁପ୍ ପଛର କାରଣ ବୁଝିବା । ସ୍ୱାମୀ ଯଦି କ୍ଲାନ୍ତ ଅଛି, ତା କ୍ଲାନ୍ତିକୁ ସମ୍ମାନ ଦେବା । ସ୍ୱାମୀ ଯଦି ବାହାର କାମରେ ବ୍ୟସ୍ତ, ସ୍ତ୍ରୀ ତାକୁ ବୁଝିବା ଦରକାର, ଆଉ ସ୍ତ୍ରୀ ଯଦି ଘର କାମରେ ଥକିଯାଏ, ସ୍ୱାମୀ ତାକୁ ଟିକେ ମିଠା କଥା କହିବା ଦରକାର । ପ୍ରଥମେ କଥାବାର୍ତ୍ତା, ଚାଲିଚଳନ ଓ ବ୍

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ଭକ୍ତି, ଶକ୍ତି ଓ ଆନନ୍ଦର ପର୍ବ
ଦୁର୍ଗାପୂଜା



ଆଶ୍ୱିନ ମାସର ନିର୍ମଳ ଆକାଶ, ଶୁଭ୍ର କାଶତଣ୍ଡୀର ଦୋଳି ସହ ଶେଫାଳୀର ମହକ ଧରାପୃଷ୍ଠକୁ ମା' ଜଗତଜନନୀଙ୍କ ଆଗମନର ବାର୍ତ୍ତା ବହନ କରି ଆଣିଥାଏ। ଓଡ଼ିଶାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗଣଜୀବନରେ ଶାରଦୀୟ ଦୁର୍ଗା ପୂଜା ହେଉଛି ସବୁଠାରୁ ବଡ଼ ଏବଂ ପ୍ରତିଷ୍ଠିତ ଗଣପର୍ବ। ଏହି ସମୟରେ ସମଗ୍ର ଓଡ଼ିଶା ଉତ୍ସବମୁଖର ହୋଇଉଠେ। ଗାଁଠୁ ସହର ସବୁଠି କେବଳ ଗୋଟିଏ ସ୍ୱର ଗୁଞ୍ଜରିତ ହୁଏ—"ମା' ଆସୁଛନ୍ତି"। ଓଡ଼ିଶାର ଲୋକେ ଏହାକୁ କେବଳ ଏକ ଧାର୍ମିକ ରୀତିନୀତି ଭାବେ ନୁହେଁ, ବରଂ ନିଜ ଜୀବନ, ସଂସ୍କୃତି ଏବଂ ଆତ୍ମାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଅତ୍ୟନ୍ତ ଧୁମଧାମରେ ପାଳନ କରନ୍ତି।

ଓଡ଼ିଶା ହେଉଛି ଏକ ପ୍ରମୁଖ ଶକ୍ତି ଉପାସନାର କ୍ଷେତ୍ର। ପ୍ରାଚୀନ କାଳରୁ ଏଠାରେ ମା' ଶକ୍ତିଙ୍କୁ ବିଭିନ୍ନ ସ୍ୱରୂପରେ ପୂଜା କରାଯାଇ ଆସୁଛି। ମହାଭାରତ ଏବଂ ପୁରାଣ ବର୍ଣ୍ଣିତ ତଥ୍ୟ ଅନୁସାରେ ଓଡ଼ିଶା ବା କଳିଙ୍ଗ ହେଉଛି 'ବିରଜା କ୍ଷେତ୍ର'। ଯାଜପୁରର ମା' ବିରଜା, କଟକର ମା' ଚଣ୍ଡୀ, ପୁରୀର ମା' ବିମଳା, କାକଟପୁରର ମା' ମଙ୍ଗଳା, ସମ୍ବଲପୁରର ମା' ସମଲେଶ୍ୱରୀ, ଘଟଗାଁର ମା' ତାରିଣୀ ଏବଂ ବ୍ରହ୍ମପୁରର ମା' ବୁଢ଼ୀ ସାକୁରାଣୀଙ୍କ ଭଳି ଅନେକ ପ୍ରସିଦ୍ଧ ଶକ୍ତିପୀଠ ଓଡ଼ିଶାର କୋଣ ଅନୁକୋଣରେ ରହିଛି।

